## ସଂକ୍ଷେପରେ

### ରୁପ୍ରାରୋଡରେ ଜଲାରାମ ଜୟନ୍ତୀ ପାଳିତ

ରୁପ୍ରାରୋଡ୍,୧୯।୧୧(ସଞ୍ଜୀବ ଦାସ)
କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ଗୁଜରାଟି ସମାଜ ପକ୍ଷରୁ ରବିବାର ଜଲାରାମ ଜୟନ୍ତୀ ସ୍ଥାନୀୟ ଅଗ୍ରସେନ ଭବନ ନିକଟ ରାଜେଶ ଦତ୍ତାଙ୍କ ବାସଗୃହ ପରିସରରେ ପାଳିତ ହୋଇଯାଇଛି। ସକାଳୁ ଜଲାରାମ ବାବାଙ୍କ ପୂଜାଅର୍ଚ୍ଚନା କରି ଗରିବ ଭୋଜନ କରାଇ ଥିବାବେଳେ ୧୦୦ଜଣଙ୍କୁ ଶୀତ କପଡା ବଣ୍ଟନ କରିଥିଲେ। ସନ୍ଧ୍ୟାରେ ମହା ଆଳତୀ କରି ମହାପ୍ରସାଦ ବଣ୍ଟନ କରିଥିଲେ। ସ୍ଥାନୀୟ ବିଷ୍ଣୁ ପ୍ରସାଦ ଶର୍ମା ପୂଜା କାର୍ଯ୍ୟ ତୁଲାଇଥିଲେ। ମହେଶ କୋଟକ, ନିକୁ ଦତ୍ତା, ବିକାଶ ଦତ୍ତା, ନିଲେଶ ଦତ୍ତା, ରାଜେଶ ଦତ୍ତା, ନରେଶ କୋଟକ, ରବି କୋଟକ, ତୁଷାର ସୋମୟା, ଅରୁଣ ଦତ୍ତା, ଆଶ୍ୱିନ ଦତ୍ତା ପ୍ରମୁଖ ସହଯୋଗ କରିଥିଲେ। ଶତାଧିକ ମହିଳା ପୁରୁଷ ଭକ୍ତଙ୍କ ସମାଗମ ହୋଇଥିଲା। ଜୟ ଜଲାରାମ ସ୍ଲୋଗାନ ସହିତ ଭଜନ କୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ଇନ୍ଦିରା ଗାନ୍ଧୀଙ୍କ ସ୍ମୃତିଚାରଣ କଲେ କଂଗ୍ରେସ ନେତା

କୋକସରା,୧୯।୧୧(ଦୁଷ୍ମନ୍ତ କୁମାର ପାଢୀଯୋଶୀ)
କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କୋକସରା କଂଗ୍ରେସ ଭବନଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ବ୍ଲକ ସଭାପତି ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ କଂଗ୍ରେସ କର୍ମକର୍ତ୍ତାମାନେ ଇନ୍ଦିରା ଗାନ୍ଧୀଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା କାମଦେବ ଧ. ମାଝି, ବ୍ରଜବନ୍ଧୁ ମିଶ୍ର, କୋକସରା ଯୋନ ସଭାପତି କମଳ ଲୋଚନ ନାଏକ, ଜିଲା ସମ୍ପାଦକ ତ୍ରିଭୁବନ ନାଏକ, ଆମପାଣି ଜୋନ ସଭାପତି ହରିଶ୍ଚନ୍ଦ୍ର ନାଏକ, ପରମେଶ୍ୱର ଶଗଡ଼ିଆ, ଚିତ୍ତରଞ୍ଜନ ଠାକୁର, ବ୍ଲକ ସମ୍ପାଦକ ଅଭିମନ୍ୟୁ ପଟ୍ଟନାୟକ, ନାରିନେତ୍ରୀ ଫୁଲତୋଳା ଖମାରି ଓ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

### ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡ଼ିଆ ଅଳିଆ ଗଦା

ଖଡ଼ିଆଳ,୧୯।୧୧(ସୁଜିତ୍ କୁମାର ପ୍ରଧାନ)
ନୂଆପଡ଼ା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡ଼ିଆ ଅଳିଆ ଗଦାରେ ପରିଣତ ହୋଇଛି। ଏହି ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମହୋତ୍ସବ, ରାଜନୀତିକ ସଭା, ସରକାରୀ ଯୋଜନାର ଲୋକାର୍ପଣ ଉତ୍ସବ, ସାମାଜିକ ସଭା ଏବଂ ଟୁର୍ଣ୍ଣାମେଣ୍ଟର ଆୟୋଜନ ହୋଇଥାଏ। ଖଡିଆଳର ଏକମାତ୍ର ପଡ଼ିଆ ଭାବେ ବ୍ୟବହାର ହେଉଛି। ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ଆବଶ୍ୟକ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେବା କଥା। ପଡିଆର ସ୍ୱତନ୍ତ୍ର ରକ୍ଷଣା ବେକ୍ଷଣ ପାଇଁ ସ୍କୁଲ ପରିଚାଳନା କମିଟି ଦାୟିତ୍ୱ ନେବା ସହ ଆବଶ୍ୟକ ପଦକ୍ଷେପ ନେବା କଥା। ଏହି ପଡ଼ିଆରେ ମୋକ୍ତା ଯୋଜନାରେ ନିର୍ମିତ ସମସ୍ତ ଉନ୍ନୟନ କାର୍ଯ୍ୟ ଭାଙ୍ଗି ଯାଇଛି। ବସିବା ସ୍ଥାନ ଦୁର୍ବୃତ୍ତମାନେ ଭାଙ୍ଗି ଥିବାବେଳେ ରାତିରେ ମଧୁଆ ଏବଂ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପଡ଼ିଆକୁ କମ୍ ଉଚ୍ଚତା ତାର ଜାଲି ଦେଇ ଘାସ ଲଗାଇବା ପାଇଁ ପଦକ୍ଷେପ ନେବା ସହ ଏକ ଜାତୀୟସ୍ତରୀୟ ପଡିଆର ନିର୍ମାଣ ଦିଗରେ ପଦକ୍ଷେପ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଦାବି କରିଛନ୍ତି।

# ଲାଞ୍ଜିଗଡ଼, ଲଡାଙ୍ଗ ଗାଁରେ ହାତୀ ଉପଦ୍ରବ

■ ଘର ଭାଙ୍ଗିଲେ, ଆବାସ ପତ୍ର ମାଡି ଚକଟି ନଷ୍ଟକଲେ
■ କ୍ଷୟକ୍ଷତି ଆକଳନ କଲା ବନବିଭାଗ



ଲାଞ୍ଜିଗଡ଼,୧୯।୧୧(ରମେଶ ଚନ୍ଦ୍ର ନାୟକ)
କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳରେ ଦୀର୍ଘଦିନ ହେଲା ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇଥିବା ବେଳେ ଗତ ଶନିବାର ବିଳମ୍ବିତ ରାତିରେ ଏକ ୯ ଟିକିଆ ହାତୀପଲ ମୃଷାନାଳ ବନ ବିଭାଗ ଅଧୀନ ଲାଞ୍ଜି ପଞ୍ଚାୟତ ଲଡାଙ୍ଗ ଗ୍ରାମରେ ହାତୀପଲ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଦୀର୍ଘଦିନ ହେବ ଲାଞ୍ଜିଗଡ଼ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିରେ ଲାଗିଛି। ଫଳରେ ଅନେକ ଲୋକଙ୍କ ଜନ ଜୀବନ ସମେତ ଲୋକଙ୍କ ଘର, ଭାଙ୍ଗି ଆସବାବପତ୍ର ନଷ୍ଟ କରୁଥିବା ଚିତ୍ର ସାମ୍ନାକୁ ଆସୁଛି। ସୂଚନାନୁସାରେ ଶନିବାର ବିଳମ୍ବିତ ରାତିରେ ଏକ ୯ ଟିକିଆ ହାତୀପଲ ଲଡାଙ୍ଗ ଗାଁକୁ ପଶି ବିଟୁ ହରିଜନ, ଆରତୀ ହରିଜନ, ତ୍ରିନାଥ ହରିଜନ, ଅନନ୍ତ ହରିଜନ ଏବଂ ବୁଦ୍ଧୁ ହରିଜନ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେବା ସହିତ ଘରେ ଥିବା ଧାନ, ମାଣ୍ଡିଆ, କାନ୍ଦୁଲ ସମେତ ଆସବାବ ପତ୍ର ଦଳିମକଚି ନଷ୍ଟ କରି ଦେଇଛନ୍ତି। ସେହିପରି ସେମାନଙ୍କ ମକା, ଧାନ, କପା ଫସଲ ଦଳିମକଚି ନଷ୍ଟ କରିଦେବା ସହିତ ଏକ ମୋଟରସାଇକେଲ ମଧ୍ୟ ଭାଙ୍ଗି ଦେଇଛନ୍ତି। ବିଳମ୍ବିତ ରାତିରେ ଗାଁ ମୁଣ୍ଡରେ ଭୀଷଣ ଶବ୍ଦ କରିଥିଲେ ହାତୀପଲ। ହାତୀପଲ ରଡି ଶୁଣି ବିଟୁ ହରିଜନ, ଆରତୀ ହରିଜନ, ତ୍ରିନାଥ ହରିଜନ, ଅନନ୍ତ ହରିଜନ ଏବଂ ବୁଦ୍ଧୁ ହରିଜନ ପରିବାର ସହ ଅନ୍ୟ ପରିବାର ମଧ୍ୟ ଜୀବନ ବିକଳରେ ଘରଛାଡି ପଳାଇ ଯାଇଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ରବିବାର ସକାଳେ ମୃଷାନାଳ ଫରେଷ୍ଟର ଚିନ୍ତାମଣି ମାଝିଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଲୋଚନ ମାଝି ଏବଂ ବନବିଭାଗର ଏକ ଟିମ ଘଟଣାସ୍ଥଳକୁ ଯିବାସହିତ କ୍ଷୟକ୍ଷତିର ଆକଳନ କରିଥିଲେ। ହାତୀପଲ ଅଞ୍ଚଳରେ ଥିବା ଯୋଗୁ ଅଞ୍ଚଳବାସୀଙ୍କଠାରେ ଭୟର ବାତାବରଣ ଦେଖିବାକୁ ମିଳୁଛି। ବନବିଭାଗ ପକ୍ଷରୁ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯିବାକୁ ଦାବି ହେଉଛି।

## ମୁଣ୍ଡ ପରାଶର ପରିବାରର ବୈଠକ



ବୈଠକରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୧୯।୧୧(ସୁଜିତ୍ କୁମାର ପ୍ରଧାନ)
ନୂଆପଡ଼ା ଜିଲା ଖଡିଆଳ କଲ୍ୟାଣ ମଣ୍ଡପ ୨ରେ ମୁଣ୍ଡ ପରାଶର ପରିବାରର ଏକ ସାଙ୍ଗଠନିକ ବୈଠକ ଶିବପ୍ରସାଦ ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁରେଶ ଚନ୍ଦ୍ର ମୁଣ୍ଡ ଜିଲା ସମ୍ପାଦକ ଭବାନୀପାଟଣା, ସନତ କୁମାର ମୁଣ୍ଡ ସମ୍ପାଦକ ବରଗାଁ ପ୍ରାନ୍ତୀୟ, ଶିବପ୍ରସାଦ ମୁଣ୍ଡ (ଲରକା)ସଭ୍ୟ ବରଗାଁ ପ୍ରାନ୍ତୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ଉପଦେଷ୍ଟା ଉପେନ୍ଦ୍ର କୁମାର ମୁଣ୍ଡ, ରାମେଶ୍ୱର ମୁଣ୍ଡ ମଞ୍ଚାସୀନ ଥିଲେ। ବୈଠକରେ ଅମୁଲ୍ୟ କୁମାର ମୁଣ୍ଡ ସଂଯୋଜନା କରିଥିବା ବେଳେ ଗୌତମ ପ୍ରସାଦ ମୁଣ୍ଡ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରଗାଁ ପ୍ରାନ୍ତୀୟ ସମ୍ପାଦକ ସନତକୁମାର ମୁଣ୍ଡ ମତାମତ ପ୍ରଦାନ କରିଥିବା ବେଳେ ଜିଲା ସମ୍ପାଦକ ସୁରେଶ କୁମାର ମୁଣ୍ଡ ଜିଲାସ୍ତରୀୟ ବାର୍ତ୍ତା ପ୍ରଦାନ କରିଥିଲେ। ପରେ ସମସ୍ତଙ୍କ ମତାମତ ପ୍ରଦାନ ପରେ ସଭାପତି ଅଭିଭାଷଣରେ ଆସନ୍ତା ବର୍ଷ ଫେବୃୟାରୀ ୨୦୨୪ ହେବକୁ ଥିବା ମହା ସମାବେଶ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ କରିଥିଲେ। ପରେ ନୂତନ କର୍ମକର୍ତ୍ତା ମନୋନୀତ କରାଗଲା। ଶେଷରେ ପ୍ରଶାନ୍ତ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଉଭୟ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ।

## ଜିଲାସ୍ତରୀୟ ମେହେର ସମାଜ କାର୍ଯ୍ୟକାରିଣୀ ବୈଠକ




ବୈଠକରେ ମଞ୍ଚାସୀନ ଅତିଥି।

ସିନାପାଲି,୧୯।୧୧(ମନଫୁଲ ମେହେର)
ନୂଆପଡ଼ା ଜିଲା ମେହେର (ଭୁଲିଆ) ସମାଜର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ସ୍ଥାନୀୟ ଆନନ୍ଦ ଭବନଠାରେ ଜିଲା ତଥା ନିଖିଳ ଓଡ଼ିଶା ମେହେର ସମାଜର ସଭାପତି ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାର ବିଭିନ୍ନ ଗ୍ରାମ୍ୟ କମିଟିରୁ ଶତାଧିକ କର୍ମକର୍ତ୍ତା ଓ ଯୁବ ପ୍ରତିନିଧି ଯୋଗଦେଇଥିଲେ। ବୈଠକରେ ସମାଜର ଉପଦେଷ୍ଟା ଡମ୍ବରୁଧର ମେହେର, ରାହାସ ବିହାରୀ ମେହେର, ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ସମେତ ରାଜ୍ୟ ସମ୍ପାଦକ ନବୀନ ଚନ୍ଦ୍ର ମେହେର, ଜିଲା ସାଧାରଣ ସମ୍ପାଦକ ସୁରେଶ୍ୱର ମେହେର, ସିନାପାଲି ଗ୍ରାମ୍ୟ କମିଟି ସଭାପତି ଟେଣୋ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ନିଳାଞ୍ଚଳ ମେହେର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ପରେ ମେହେର ସମାଜର ଗୌରବ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ସିନାପାଲି ଗ୍ରାମ୍ୟ କମିଟି ସଭାପତି ସ୍ୱାଗତ କରିଥିବା ବେଳେ ଜିଲା ସାଧାରଣ ସମ୍ପାଦକ ସଭାର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ବୈଠକରେ ଆଗାମୀ ଜାନୁୟାରୀରେ ବରଗଡ଼ ଜିଲା ବରପାଲିରେ ହେବାକୁ ଥିବା କବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଶତବାର୍ଷିକୀ, ନୂଆପଡ଼ା ଜିଲା ବାର୍ଷିକ ଅଧିବେଶନ, ଜିଲା ଯୁବାମଞ୍ଚ ଗଠନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିବପ୍ରସାଦ ମେହେର, ବୈଷ୍ଣବ ମେହେର, ହାଡୁରାମ ମେହେର, ରାମକଷ୍ଣ ମେହେର, ଆଲୋକ ମେହେର, ଶଙ୍କର ମେହେର, ଜଗନ୍ୟ ମେହେର, ସାନୁର୍ଯ୍ୟ ମେହେର ପ୍ରମୁଖଙ୍କ ସହ ସିନାପାଲି ଗ୍ରାମ୍ୟ କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଜିଲା ସମ୍ପାଦକ ରୂପେଶ ଚନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ।

### ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ପାଇଁ ବ୍ଲକସ୍ତରୀୟ କମିଟି ଗଠନ

ବୋଡେନ,୧୯।୧୧(ଟିକେଶ୍ୱର ନାଗ୍)
ନୂଆପଡା ଜିଲା ବୋଡ଼େନ ସରସତୀ ଶିଶୁ ମନ୍ଦିରଠାରେ ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ବ୍ଲକସ୍ତରୀୟ କମିଟି ଗଠନ ହୋଇଯାଇଛି। ଆସନ୍ତା ଜାନୁୟାରୀ ୨୨ରେ ବହୁ ପ୍ରତିକ୍ଷିତ ଅଯୋଧ୍ୟା ରାମ ମନ୍ଦିର ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ହେବ। ଜିଲା ବୋଧିକ ପ୍ରମୁଖ ପ୍ରଦୀପ କୁମାର ରାଉତରାୟ ପରିଚୟ ପ୍ରଦାନ କରିଥିଲେ। ବୈଠକରେ ପଶ୍ଚିମ ବିଭାଗ ଗୋ ସେବା ପ୍ରମୁଖ କାଳିଆ କୃଷ୍ଣ ବାଗ, କଳାହାଣ୍ଡି ସେବା ପ୍ରମୁଖ ସଜ୍ଜନ ଅଗ୍ରୱାଲ, ଅବସର ପ୍ରାପ୍ତ ଅଧ୍ୟାପକ ରବିରଞ୍ଜନ ପ୍ରଧାନ, ବୋଡ଼େନ ଖଣ୍ଡ ସଂଘ ଚାଳକ ଗଜ ରାଜ ବୈଠାରୁ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ଅଞ୍ଚଳରୁ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସମସ୍ତେ ଆଗାମୀ ଦିନରେ ରାମ ମନ୍ଦିର ପାଇଁ ସମସ୍ତ ଗ୍ରାମକୁ ବାର୍ତ୍ତା ପହଞ୍ଚି ପାରିବ ବୋଲି ସେ ଉପରେ ମତ ଦେଇଥିଲେ। ବୋଡ଼େନ ବ୍ଲକସ୍ତରୀୟ କମିଟି ସଂଯୋଜକ ସୁବାସ ଅଗ୍ରୱାଲ, ସହ ସଂଯୋଜକ ଭାବେ ରବିରଞ୍ଜନ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ସମସ୍ତ ଗ୍ରାମ ଓ ପଞ୍ଚାୟତରେ ମଧ୍ୟ ବାର୍ତ୍ତା ପହଞ୍ଚାଇବା ପାଇଁ ଚୟନ କରାଯାଇଛି। ସଭାରେ ଅତିନ୍ଦ୍ରଜିତ୍ ସିଂହ ମଲ୍ଲିକ, ବଳରାମ ଦଣ୍ଡସେନା, ସନ୍ତୋଷ ଅଗ୍ରୱାଲ, ରାଜକୁମାର ଅଗ୍ରୱାଲ, ଯୋଗେନ୍ଦ୍ର ମାଝି, ଅନୁରାଗ ବାଗ, ନୀଳାମ୍ବର ମେହେର, ରଞ୍ଜନ ହଂସ ସମସ୍ତେ ଯୋଗଦାନ କରିଥିଲେ।

## ଫେଲ୍ ମାରିଛି ଆବାସ, ବିଜୁ ପକ୍କାଘର ଯୋଜନା



ଭଙ୍ଗା କୁଡ଼ିଆ ଆଗରେ ଛବିଲାଲଙ୍କ ପରିବାର।

■ ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ
■ ଅସହାୟ ଅବସ୍ଥାରେ ଛବିଲାଲଙ୍କ ପରିବାର

ଥୁଆମୂଳ ରାମପୁର,୧୯।୧୧(ଦୁର୍ଗା କୀର୍ତ୍ତି)
ସରକାର ଗରିବ ଲୋକଙ୍କ ପାଇଁ ଆବାସ ଯୋଜନା, ବିଜୁ ପକ୍କାଘର ଭଳି ଅନେକ ଯୋଜନା କରୁଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରେ ବଞ୍ଚିତ ରହିବା ଘଟଣା ଅନେକ ସମୟରେ ସାମ୍ନାକୁ ଆସୁଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲପାଟଣା ଗ୍ରାମରେ। ଏହି ଗ୍ରାମର ଛବି ହରିଜନ ଦୀର୍ଘ ବର୍ଷ ହେବ ଝାଟିମାଟି ଭଙ୍ଗା କୁଡ଼ିଆରେ ବସବାସ କରୁଥିବାବେଳେ ତାଙ୍କୁ ଏ ପର୍ଯ୍ୟନ୍ତ ସରକାରଙ୍କ ଘର ଯୋଜନାରେ ସାମିଲ କରାଯାଇନାହିଁ। ଫଳରେ ଅସହାୟ ଅବସ୍ଥାରେ ନିଜ ପରିବାରକୁ ନେଇ ଜୀବନ ବିତାଉଛନ୍ତି। ରାତିରେ ବିଷାକ୍ତ ସାପ, କୀଟ ପତଙ୍ଗ ଯୋଗୁ ଭଲ ଭାବେ ଶୋଇପାରୁ ନ ଥିବା ପ୍ରକାଶ କରନ୍ତି। ତାଙ୍କ ପରିବାରରେ ୭ଜଣ ସଦସ୍ୟ ରହିଛନ୍ତି। ଘରଟିଏ ପାଇଁ ସେ ଦୀର୍ଘ ବର୍ଷ ଧରି ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଥିଲେ ମଧ୍ୟ ଏ ଯାଏଁ ତାଙ୍କୁ ଘର ଟିଏ ମିଳିପାରିନାହିଁ। ସରକାର କେବେ ଆମକୁ ଘର ଖଣ୍ଡେ ଯୋଗାଇ ଦେବେ ତାହା ଅପେକ୍ଷାରେ ଅଛୁ। ମୁଁ ମରିବା ଯିବା ପରେ ଆମକୁ ଘର ମିଳିବ କି ବୋଲି ଅତି କ୍ଷୋଭର ସହ କହନ୍ତି। ଏଥିପ୍ରତି ଥୁଆମୂଳ ରାମପୁର ପ୍ରଶାସନ ଦୃଷ୍ଟି ଦେଇ ଛବି ହରିଜନଙ୍କୁ ଘରଟିଏ ଯୋଗାଇ ଦେବାକୁ ସାଧାରଣ ରେ ଦାବି ହେଉଛି।

## ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୀକ୍ଷା ବୈଠକ



ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ।

ନୂଆପଡ଼ା,୧୯।୧୧(ମକାରୁ ବେମାଲ)
ନୂଆପଡା ସଦର ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖରିଆର ରୋଡଠାରେ ନୂଆପଡ଼ା ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ସଭାପତିତ୍ୱରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷା ବୈଠକରେ ୟୁ ଡ଼ାଇସ ପ୍ଲସ, ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୩, ଛାତ୍ରୀଛାତ୍ରୀ ବୃତ୍ତି, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆଦି ବିଷୟବସ୍ତୁ ଉପରେ ସମୀକ୍ଷା କରାଯାଇଥିଲା। ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତୀକରଣ, ଛାତ୍ରୀଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରଧାନ ଶିକ୍ଷକ ସହ ପରାମର୍ଶ କରାଯାଇଥିଲା। ସମୀକ୍ଷା ବୈଠକରେ ବ୍ଲକର ସମସ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ, ସାଧନ କେନ୍ଦ୍ର ସଂଯୋଜକ, ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## ବୁଢ଼ାରଜା କ୍ରିକେଟ କପ୍ ସିଜନ-୬ ପ୍ରସ୍ତୁତି ବୈଠକ

ସିନାପାଲି,୧୯।୧୧(ମନଫୁଲ ମେହେର)
ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ସିଙ୍ଗଝରଠାରେ ଅନ୍ତଃରାଜ୍ୟ ବୁଢ଼ାରଜା କ୍ରିକେଟ କପ ସିଙ୍ଗଝର ସିଜନ-୬ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବରିଷ୍ଠ ଖେଳାଳି ଲାବଣ୍ୟ ବୈଠାରୁଙ୍କ ଅଧ୍ୟକ୍ଷତାରେ ଆୟୋଜକ କମିଟି ସମସ୍ତ କର୍ମକର୍ତ୍ତା, ଖେଳ ପ୍ରେମୀ, କ୍ରୀଡ଼ାବିତ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପୂର୍ବତନ ପରିଚାଳନା କମିଟି ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିବେ ବୋଲି ବୈଠକରେ ମତ ପ୍ରକାଶପାଇଥିଲା। ବୈଠକରେ ସଭାପତି ଗୌରୀଶଙ୍କର ମାଝି, ସମ୍ପାଦକ ପ୍ରେମଚାନ୍ଦ ବୈଠାରୁ, କୋଷାଧ୍ୟକ୍ଷ ସଞ୍ଜୟ ବୈଠାରୁ ଓ କ୍ଷୀରୋଦ ବୈଠାରୁ, ସହ ସମ୍ପାଦକ ଅନନ୍ତରାମ ମାଝି ଏବଂ କାର୍ଯ୍ୟକାରୀ ସଦସ୍ୟମାନଙ୍କ ସମେତ ଜୟଶ୍ରୀ ବୀଣାପାଣି ଯୁବକ ସଂଘ କର୍ମକର୍ତ୍ତା ଭୁତେଶ୍ୱର ନାଏକ, ସୁରେଶ ମାଝି, ରାମ ବିଶି, ପୟୋଜ କଶ୍ୟପ, ରମେଶ ଅଗ୍ରୱାଲ, ମହେନ୍ଦ୍ର ଅଗ୍ରୱାଲ, ଦେବଦତ୍ତ ପ୍ରଧାନ, ଅଭି ବୈଠାରୁ, ଭୁବନେଶ୍ୱର ବୈଠାରୁ, ତୁଳାରାମ ବୈଠାରୁ, ଭୁତେଶ୍ୱର ବୈଠାରୁ, ଧରଣୀଧର ମାଝି, ପ୍ରଦୀପ ମାଝି ପ୍ରମୁଖଙ୍କଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବୁଢ଼ାରଜା କ୍ରିକେଟ୍ କପ୍ ଚଳିତବର୍ଷ ୬ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ବ୍ୟବସ୍ଥା ରହଥିବାବେଳେ ରାଜସ୍ଥାନ, ରାୟପୁର, ବିଶାଖାପାଟଣା, ସମ୍ବଲପୁର, ଭୁବନେଶ୍ୱର ସମେତ ଅନେକ ଆନ୍ତଃରାଜ୍ୟ ଦଳ ଓ ଖେଳାଳି ସାମିଲ ହେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟାଳୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ନୂଆପଡ଼ା,୧୯।୧୧(ମକାରୁ ବେମାଲ)
ନୂଆପଡା ସଦର ମହୁକୁମାସ୍ଥିତ ମହୁଆଭଟା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବାଲ୍‌ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗିତା ବେଉରାଙ୍କ ପ୍ରତ୍ୟକ୍ଷ ତତ୍ୱାବାବଧାନରେ ୪୦ଟି ପ୍ରକଳ୍ପର ପ୍ରଦର୍ଶନୀ ହୋଇଥିଲା। ଏଥିରେ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତ୍ୟେକ ପ୍ରକଳ୍ପ ଟିକିନିକି ଭାବେ ନିରୀକ୍ଷଣ କରି ପିଲାମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଏବଂ ଆଗାମୀ ଦିନରେ କୁନି ବୈଜ୍ଞାନିକମାନେ ନିଶ୍ଚୟ ବଡ ବୈଜ୍ଞାନିକ ଭାବେ ଦେଶରେ ନିଜର ଅଭିପତ୍ୟ ବିସ୍ତାର କରିବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଚୁଲାଭଟା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ହୋତା, ଅଁଲାଯୁବା କ୍ଲଷ୍ଟରର ସିଆରସିସି ଶରତ ପଣ୍ଡା ଏବଂ ସଦର ସିଆରସିସି ଜିତେନ୍ଦ୍ର କୁମାର ଖମାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଆଗେଇ ଯିବା ପାଇଁ ଦିଗଦର୍ଶନ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅମିଲାଲ ଶବରଙ୍କ ତତ୍ୱବଧାନରେ କାର୍ଯ୍ୟକ୍ରମ ସୂଚାରୁରୂପେ ପରିଚାଳିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପବନ ରଣା, ଚକ୍ରଧର ରଣା ବରିଷ୍ଠ ଶିକ୍ଷାବିଦ, ଯୁବ ଆଇନଜୀବୀ ବିଶ୍ୱନାଥରଣା ଏବଂ ଅଧ୍ୟାପକ ହେମକୁମାର ରଣା, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ତୃପ୍ତିମୟୀ ପାତ୍ର, ଚିନ୍ମୟୀ ମହାନ୍ତି, ତନୁଜାପଣ୍ଡା, ମମତା ପଣ୍ଡା, ଭରତ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ସୁପକାର ଧନ୍ୟବାଦ ଦେଇଥିଲେ।



ଉପସ୍ଥିତ ଅତିଥି ବୃନ୍ଦ।

## ଜିଲାସ୍ତରୀୟ ସରଗି ଫୁଲ ଉଦ୍‌ଯାପିତ

ନୂଆପଡ଼ା,୧୯।୧୧(ମକାରୁ ବେମାଲ)
ନୂଆପଡା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ କାର୍ଯ୍ୟକ୍ରମ ରବିବାର ଉଦଯାପିତ ହୋଇଯାଇଛି। କୋମନା ବ୍ଲକ ଦର୍ଲିପଡା ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ହେମକାନ୍ତ ସାଏ ଯୋଗଦେଇ ସରଗି ଫୁଲ କାର୍ଯ୍ୟକ୍ରମରେ ଶିଶୁମାନଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଥୁଆମୂଳ ରାମପୁର କଲେଜ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଏହି କାର୍ଯ୍ୟକ୍ରମରେ ଜିଲାର ୫୦ଟି ବିଭିନ୍ନ ଆଶ୍ରମ ବିଦ୍ୟାଳୟର ୫୭୬ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସେହିପରି ମଞ୍ଚ ପରିଚାଳନା କରିଥିଲେ ରଜନୀକାନ୍ତ ଯୋଶୀ। କାର୍ଯ୍ୟକ୍ରମରେ ଜିଲାର ବିଭାଗୀୟ ଅଧିକାରୀ ରଜତ କୁମାର ସାହୁ, କ୍ଷଣପ୍ରଭା ପାଣିଗ୍ରାହୀ, ସୁନୀଲ କୁମାର ସାମଲ, ଶ୍ୟାମ ସୁନ୍ଦର ଧରୁଆ, ସରଗି ଫୁଲ ପରିଚାଳନା କମିଟି ମଦନ ହୋତା, ପୀତବାସ ଜଗତ, ସୁଶୀଲ ପତି, ପ୍ରକାଶ ମିଶ୍ର, ଝରାମଣି ପାନ, ଲାଇବନ ବାଗଙ୍କ ସମେତ ଦର୍ଲିପଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ତାପସ ମିଶ୍ର, ରାକେଶ ନାୟକ, ଦିବ୍ୟ ସିଂ ମାଝି, ସୁଦାମ ଦଣ୍ଡସେନା, ଦେବରାଜ ଭୋଇ, ବନବିହାରୀ ବାଗ, ରୁବିସ୍ମିତା ଘଡେଇ, ଦୀପିକା ଦଣ୍ଡସେନା, ତଥା ବିଭିନ୍ନ ଦାୟିତ୍ୱରେ ଥିବା ବିଭାଗର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅନ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବିନିକାରେ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

**ବିନିକା,୧୯।୧୧ (ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକାରେ ରବିବାର ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଯୁବ ଛାତ୍ର କଂଗ୍ରେସ ବ୍ଲକ ସଭାପତି ବିଜୟ ଭୋଇ, ଛାତ୍ର କଂଗ୍ରେସ ସଭାପତି ଟିଙ୍କୁ ହୋତା, ଛାତ୍ର ନେତା ଶ୍ରୀନିବାସ ଖମାରୀ ଯୋଗଦେଇ ଇନ୍ଦିରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କ ଜୀବନୀ ଓ ଦେଶ ପାଇଁ ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଯୁବନେତା ଉମାକାନ୍ତ ଦୀପ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ନେତା ନରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

### ଯାଦବ ମହାସଭା ବାର୍ଷିକ ସମ୍ମିଳନୀ




**ଅମରପାଲି,୧୯।୧୧ (ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତର ଫୁଲଚରା ନିକଟସ୍ଥ ହରିହର ଯୋର ଆମ୍ବତୋଟାଠାରେ ଜିଲା ଯାଦବ ମହାସଭା ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲା ଯାଦବ ସମାଜର ଜିଲା ସଭାପତି ତପନ କୁମାର ଯୁଆଡ଼ିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ସୁପାର ଠେଲା, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି,ଗିଲେ ମହାକୁର, ବହଲପଦର ସମିତି ସଭ୍ୟା ସୁଗନ୍ଧା ଘିବଲା ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରଞ୍ଚି ଷାଣ୍ଢ, ଗିରିଶ ବଗର୍ତ୍ତୀ, ଅଭିମନ୍ୟୁ ବଗର୍ତ୍ତି, ସୁରେଶ ଷାଣ୍ଢ, ପୀତବାସ ଭୋଇ, ବଳରାମ କାଣ୍ଡ, ଇନ୍ଦ୍ରଜିତ ପରୁଆ, ରଞ୍ଜନ ଠେଲା ମଞ୍ଚାସୀନ ଥିଲେ। ଯାଦବ ସମାଜର ସମସ୍ତଙ୍କୁ ଶିକ୍ଷିତ କରି ଆଗକୁ ଆଣିବା ସଂଗଠନ ର ମୂଳ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ । ଶେଷରେ ବୀରମହାରାଜପୁର ବ୍ଲକର ଯାଦବ ସମ୍ପାଦକ ବସନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

### ସୋନପୁର ଉପ କାରାଗାରରେ ଯୋଗ ଶିବିର

**ସୋନପୁର,୧୯।୧୧(ମୃତ୍ୟୁଞ୍ଜୟ ଶତପଥୀ):** ସୋନପୁର ଉପ କାରାଗାରର ଅନ୍ତେବାସୀଙ୍କ ପାଇଁ ଏକ ଯୋଗ ଶିବିର ଗତ ଶନିବାର ଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଯୋଗାଚାର୍ଯ୍ୟ ଗୋରେଖନାଥ ସାହୁ ସକାଳେ ଅନ୍ତେବାସୀଙ୍କୁ ଆପାଦମସ୍ତକ ସୂକ୍ଷ୍ମ ଯୋଗ ବ୍ୟାୟାମ ଓ ଆସନ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଯୋଗାଭ୍ୟାସକୁ ପୂଜାପାଠ ଓ ପ୍ରାର୍ଥନାର ଏକ ଅଙ୍ଗ ଭାବି ପ୍ରାତଃ ସମୟରୁ ସମସ୍ତେ ସ୍ନାନ କରିବାକୁ ପରାମର୍ଶ ଦେଇଥିଲେ । ଶିବିର ପରିଚାଳନାରେ ସୋନପୁର ଜେଲ ଅଧୀକ୍ଷକ ଡିଲେଶ୍ୱର ଜେନା, ସହ ଅଧୀକ୍ଷକ ରଜେନ୍ଦ୍ର କୁମାର ପଣ୍ଡା, ପ୍ରଭାକର ଦଳେଇ ଓ ପତଞ୍ଜଳି ଯୋଗ ସମିତିର ସତ୍ୟ ନାରାୟଣ ସାହୁ ସହଯୋଗ କରିଥିଲେ ।

### ଚତୁର୍ଥ ପ୍ରହର ନାମଯଜ୍ଞ

**ବାଉଁଶୁଣୀ,୧୯।୧୧(ଦେବାଶିଷ ନେପାକ):** ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ବାଉଁଶୁଣୀ ବଉଦିଆପଡା ତ୍ରିନାଥ ସଂକୀର୍ତ୍ତନ୍ୟ ମଣ୍ଡଳୀ ଦ୍ୱାରା ରବିବାର ତ୍ରିନାଥ ମେଳାର ୨୨ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଭାଗବତ ଟୁଙ୍ଗୀ ପ୍ରାଙ୍ଗଣରେ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳେ ଗ୍ରାମବାସୀ ନିକଟରେ ଥିବା ମହାନଦୀରୁ ପୂଜାମଣ୍ଡପ ପର୍ଯ୍ୟନ୍ତ ଏକ କଳସ ଶୋଭାଯାତ୍ରା କରିଥିଲେ । କର୍ତ୍ତା ଭାବରେ ଗୋପୀନାଥ ମେହେର ଓ କ୍ଷୀରାବ୍ଦି ମେହେର ଥିବା ବେଳେ ପୂଜକ ଭାବେ ଚିରଞ୍ଜିବୀ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଥମେ ବଉଦିଆପଡା କୀର୍ତ୍ତନ୍ୟ ମଣ୍ଡଳୀ ଅଧିବାସ କରିଥିଲେ। ସଂଧ୍ୟା ସମୟରେ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବଉଦିଆପଡା ଗ୍ରାମବାସୀ ସହଯୋଗ କରିଥିଲେ।

# ଆୟ ବୃଦ୍ଧି କରିବ ମତ୍ସ୍ୟ ଓ ପ୍ରାଣୀ ପାଳନ

**ସୋନପୁର,୧୯।୧୧(ମୃତ୍ୟୁଞ୍ଜୟ ଶତପଥୀ)**




ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ ।

ସୁବର୍ଣ୍ଣପୁର ଜିଲାରେ ଆମେ କେବଳ ଧାନ ଚାଷକୁ ଗୁରୁତ୍ୱ ଦେଉଛୁ । ଧାନ ଚାଷ ସହ ଚାଷୀ ମତ୍ସ୍ୟ, ପ୍ରାଣୀ ପାଳନ ଓ କୁକୁଡା ଫାର୍ମ କଲେ ଆୟ ବୃଦ୍ଧି ପାଇବ। ଧାନ ଚାଷରେ ବଜାର ବ୍ୟବସ୍ଥା ଠିକ୍ ଥିବାରୁ ସେଥିପ୍ରତି ଜିଲାର ଚାଷୀମାନେ ଆକର୍ଷିତ ହେଉଛନ୍ତି । ଏଣୁ ମତ୍ସ୍ୟ, ପ୍ରାଣୀପାଳନ, କୁକୁଡା ଚାଷ, ଉଦ୍ୟାନ କୃଷି ପାଇଁ ବି ବଜାର ବ୍ୟବସ୍ଥା ବଢାଇବାକୁ ହେବ । ରାଜ୍ୟ ସରକାର ମହିଳା ଓ ଯୁବ ଉଦ୍ୟୋଗୀମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଅନେକ ଯୋଜନା ପ୍ରଣୟନ କରିଚନ୍ତି । ଏହାର ଲାଭ ଉଠାଇ ସମସ୍ତେ ଆୟ ବୃଦ୍ଧି କରିପାରିବେ ବୋଲି ସୁବର୍ଣ୍ଣପୁରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନୀ ଉତ୍ସବରେ ଅତିଥି ଗଣ ମତ ରଖିଛନ୍ତି ।

ଜିଲା ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ଜିଲାସ୍ତରୀୟ ମେଳାରେ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ତ୍ରିନାଥ ରାଉତ ଅଧ୍ୟକ୍ଷତା କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗଦେଇ ଚାଷୀ ଭାଇ ଓ ଭଉଣୀମାନଙ୍କ ରୋଜଗାର ବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀ ପାଳନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ଯୋଗଦେଇ କହିଥିଲେ, ନୂତନ ଜ୍ଞାନ କୌଶଳ ବ୍ୟବହାର କରି ଚାଷୀମାନେ ନିଜ ବ୍ୟବସାୟରେ ଅଭିବୃଦ୍ଧି କରିପାରିବେ । ଏଣୁ ସେମାନେ ପାରମ୍ପରିକ ଚାଷରେ ସୀମିତ ନ ରୁହନ୍ତୁ। ଦୁଗ୍ଧ ଉତ୍ପାଦନକୁ ଜିଲାରେ ଆହୁରି ବୃଦ୍ଧି କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଏସ୍‌ପି ଅମରେଶ କୁମାର ପଣ୍ଡା ଓ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଯୋଗଦାନ କରି ମତ୍ସ୍ୟ ଓ ପ୍ରାଣୀସମ୍ପଦର ସମ୍ପୂର୍ଣ୍ଣ ବିକାଶ ଦ୍ୱାରା ଚାଷୀଙ୍କ ଆର୍ଥିକ ଉନ୍ନତି ସମ୍ଭବ ବୋଲି ମତପ୍ରକାଶ କରିଥିଲେ । ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ସୁବ୍ରତ ଦାଶ, ବଲାଙ୍ଗୀର ମଣ୍ଡଳର ଉପ ମତ୍ସ୍ୟ ନିର୍ଦ୍ଦେଶକ

#### ସୁବର୍ଣ୍ଣପୁରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ନୀଳାମ୍ବର କିଲିକା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ ପ୍ରମୁଖ ମତ୍ସ୍ୟ ଚାଷ, କୁକୁଡା ଚାଷ, ଛେଳି ଚାଷ ଓ ପ୍ରାଣୀ ପାଳନ ସମ୍ପର୍କରେ ଚାଷୀଙ୍କ ସହିତ ଜ୍ଞାନକୌଶଳ ଆଦାନ ପ୍ରଦାନ କରିଥିଲେ। କୁକୁଡା ଚାଷ ପାଇଁ ଡୁଙ୍ଗୁରିପାଲି ବ୍ଲକ ସାନରାଜୁପାଲିରେ ଥିବା ମା ପୋଲ୍ଟ୍ରି ଫାର୍ମର ପରିଚାଳନା ନିର୍ଦ୍ଦେଶକ ଉମେଶ ପୂଜାରୀ, ତରଭା ବ୍ଲକର ମାଛ ବିହନ ଉତ୍ପାଦନକାରୀ ଗୀତାଞ୍ଜଳି ରଣା ଓ ଗ୍ରାମ ପଞ୍ଚାୟତ ଗୋଷ୍ଠୀ ପୋଖରୀରେ ମାଛ ଚାଷ ପାଇଁ ଉଲୁଣ୍ଡା ବ୍ଲକର ମା' ମେଟାକାନୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅର୍ଥରାଶି ଓ ମୋମେଣ୍ଟୋ ଦେଇ ପୁରସ୍କୃତ କରାଯାଇଥିଲା । ଏଥିରେ ଜିଲାର ୬ଟି ବ୍ଲକରୁ ୭୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ବିଶେଷ କରି ବାୟୋଫ୍ଲକ୍ ପଦ୍ଧତିରେ ମାଛ ଚାଷ, ବ୍ରଏଲର ଫାର୍ମ, ଗୋପାଳନ, ବିଭିନ୍ନ କିସମର କୁକୁଡା ଚାଷ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଏହି ଅବସରରେ ମେଳାରେ ଅପୁଲ ଫେଡ୍, ଓମ୍‌ଫେଡ୍, କୁକୁଡା ଚାଷ ଉପକରଣ, ଜଳବିଭାଜିକା ମିଶନ, ଉଦ୍ୟାନ କୃଷି, କୃଷି ବିଜ୍ଞାନ କେନ୍ଦ୍ର, ଜିଲା ଶିଳ୍ପ କେନ୍ଦ୍ର, କୃଷି ବିଭାଗ, ମିଲେଟ୍ସ ମିଶନର ଷ୍ଟଲ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ପସରା ମେଲିଥିଲା । ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉଲୁଣ୍ଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁବ୍ରତ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ । ଅପରାହ୍ଣରେ ବିନିକାର ସତ୍ୟନାରାୟଣ ପାଲା ପରିଷଦ ପକ୍ଷରୁ ପାଲା, ପର୍ଏଁରୀ ଅନୁଷ୍ଠାନ ପକ୍ଷରୁ ଟୁଟ୍‌କୁଟୁଟା ଓ ଡୁଙ୍ଗୁରିପାଲି ବ୍ଲକ କଳା ପରିଷଦ ପକ୍ଷରୁ ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା ।

### ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ଘଣ୍ଟାପଡ଼ା,୧୯।୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବନମାଳୀ ନାଏକଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାମାଳ ସଂକୁଳ ପ୍ରମୁଖ ସନ୍ତୋଷ କୁମାର ବିଶି ମୁଖ୍ୟଅତିଥି ଓ ବୌଦ୍ଧ ଜିଲା ପ୍ରମୁଖ କାର୍ତ୍ତିକେଶର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମା' ହେଉଛି ଶିଶୁମାନଙ୍କ ପ୍ରଥମ ଗୁରୁ । ତାଙ୍କର ଆଦର୍ଶରେ ଶିଶୁମାନେ ଅନୁପ୍ରାଣିତ ହୋଇଥାନ୍ତି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ସଂପାଦକ ଲଳିତ କୁମାର ସାହୁ, ଉପସଭାପତି କେଶବ ପ୍ରଧାନ, ସଦସ୍ୟ ଅଭିମନ୍ୟୁ ମହାକୁଡ଼, ରଙ୍ଗାଧର ଝାଙ୍କର ପ୍ରମୁଖ ଉପସ୍ଥିତ ରହି ଶିକ୍ଷା କ୍ଷେତ୍ରରେ ମାଆମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ମାଆମାନଙ୍କୁ କହିଥିଲେ। ଆଚାର୍ଯ୍ୟ ନବୀନ ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସୁଷମା କଲତା ମଞ୍ଚ ପରିଚାଳନା କରିଥିଲେ। ଆଚାର୍ଯ୍ୟ ନଚିକେତା କର୍ମୀ, ହେମନ୍ତ ମଲିକ, ଆଚାର୍ଯ୍ୟା ପ୍ରତୀକ୍ଷା ପାତ୍ର, ଝିନୀ ରାଣୀ ପ୍ରଧାନ, ସୌଦାମିନୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପରିଚାଳନା କମିଟିର ଉପସଭାପତି କେଶବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ପାଇଖାନା ଦିବସ ପାଳିତ

**ଅମରପାଲି,୧୯।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି । ବିଡିଓ ରଘୁନାଥ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଭାବେ ଯୋଗଦେଇ ପାଇଖାନା

#### ୫୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ବ୍ୟବହାର ଦ୍ୱାରା କ'ଣ ଫାଇଦା ହୋଇଥାଏ ସେ ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ତଥା ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ପିତାମହୁଲ ସରପଞ୍ଚ ଆକସ୍ମିତା ବଢିଆ ପ୍ରମୁଖ ଯୋଗଦେଇ ପାଇଖାନା ବ୍ୟବହାର ଦ୍ୱାରା ମଣିଷ ଅନେକ ରୋଗରୁ ମୁକ୍ତି ପାଇବା ସହ ପରିବେଶକୁ ସଫା ରଖିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପାଇଖାନା ଦିବସ ଅବସରରେ ୫୫ ଜଣ ହିତାଧିକରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମାଷ୍ଟର ଟ୍ରେନର ଜଗଦୀଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଜମିସ୍ତ୍ରି ମହାସଂଘର ବୈଠକ

**ବୌଦ୍ଧ,୧୯।୧୧( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ରାଜମିସ୍ତ୍ରି ମହାସଂଘର ଏକ ବୈଠକ ମାଉସୀ ମା' ମନ୍ଦିର ପରିସରରେ ଜିଲା ସଭାପତି ବିକାଶ ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ସଂଘର ରମାକାନ୍ତ ବେହେରା, କିଶୋର ବେହେରା, କୃତିବାସ ପଲିଆ,ମନୋଜ ମହାକୁଡ ଯୋଗ ଦେଇଥିଲେ । ବୈଠକରେ ରାଜମିସ୍ତ୍ରିମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା ।

# ଟିକ୍ରାପଡ଼ା ମେହେର ସମାଜ ଆଞ୍ଚଳିକ କମିଟି ଗଠିତ



ଉପସ୍ଥିତ ସଦସ୍ୟ ଓ କର୍ମକର୍ତ୍ତା ।

**ଅମରପାଲି,୧୯।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତର ଟିକ୍ରାପଡା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ମେହେର( ଭୁଲିଆ) ସମାଜର ଆଞ୍ଚଳିକ କମିଟି ଗଠନ ସହିତ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କମଳପୁର ମେହେର ସମାଜ ଆଞ୍ଚଳିକ କମିଟିର ସଭାପତି ଶତ୍ରୁଘ୍ନ ମେହେର ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ସୁବର୍ଣ୍ଣପୁର ଜିଲ୍ଲା ସଭାପତି ସୌମିତ୍ରୀ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ୨୦୨୪ରେ ହେବାକୁ ଥିବା କବି ଗଙ୍ଗାଧର ମେହେରଙ୍କ ଶତ ବାର୍ଷିକ ଉତ୍ସବ ତାଙ୍କ ଜନ୍ମ ମାଟି ବରପାଲିରେ ହେବ। ଏହାସହିତ ନିଖିଳ ଓଡିଶା ମେହେର( ଭୁଲିଆ )ସମାଜର କାର୍ଯ୍ୟକାଳ ଶେଷ ହୋଇଥିବାରୁ ନୂତନ କର୍ମକର୍ତ୍ତା ଚୟନ ହେବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି ଶତବାର୍ଷିକୀ ଉତ୍ସବ ପାଳନ କିପରି ଶୃଙ୍ଖଳିତ ଭାବେ ସମାପନ ହେବ ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାର ସଭାପତି ଶତ୍ରୁଘ୍ନ ମେହେର କେନ୍ଦ୍ର ଓ ରାଜ୍ୟ ସରକାର ବୁଣାକାରମାନଙ୍କ ପାଇଁ ଦେଉଥିବା ଅନୁଦାନର କିପରି ସଦ୍‌ବିନିଯୋଗ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ଟିକ୍ରାପଡା ମେହେର ଆଞ୍ଚଳିକ କମିଟି ଗଠନ କରାଯାଇଥିଲା। ଉପସ୍ଥିତ ଗ୍ରାମବାସୀଙ୍କ ସର୍ବସମ୍ମତି କ୍ରମେ ଗିରିଧାରୀ ମେହେରଙ୍କୁ ସଭାପତି, ବୈଶାଖୁ ମେହେର ଓ ଡୋଲମଣି ମେହେର କାର୍ଯ୍ୟକାରୀ ସଭାପତି, ଥବିର ମେହେର ସମ୍ପାଦକ, ଜଗନ୍ନାଥ ମେହେର ଓ ଶ୍ୟାମ ମେହେର ସହସମ୍ପାଦକ, ବନମାଳୀ ମେହେରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ଶେଷରେ ସେବକ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

#### ଗିରିଧାରୀ ସଭାପତି, ଥବିର ସମ୍ପାଦକ

# ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ

#### ଶିଶୁ ମହୋତ୍ସବ ପତାଙ୍ଗୀ ୨୦୨୩

**ବାଉଁଶୁଣୀ,୧୯।୧୧(ଦେବାଶିଷ ନେପାକ)**




ଶିଶୁ ମହୋତ୍ସବ ପତାଙ୍ଗୀ ୨୦୨୩ ବାଉଁଶୁଣୀ ୱାଇସିଡ଼ିଏ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୫୦ ଜଣ ଶିଶୁ ଓ କିଶୋରୀ କିଶୋର ଯୋଗ ଦେଇଥିଲେ । ବୌଦ୍ଧ ତଥା ହରଭଙ୍ଗା ବ୍ଲକର ୭ ଗୋଟି ପଞ୍ଚାୟତର ଶିଶୁମାନେ ଆସି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନାଚଗୀତର ମଜା ନେଇଥିଲେ । ଏହି ଅବସରରେ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା । ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ଉପରେ ରାହୁଲ ପ୍ରଧାନ ଏବଂ ସୁରଥ ମିଶ୍ର ଗୁରୁତ୍ୱ ଆରୋପ କରି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ଆତ୍ମନିର୍ଭରଶୀଳ ଭାରତ ପାଇଁ ଶିଶୁମାନେ କିପରି ନିଜକୁ ପ୍ରସ୍ତୁତି କରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କିଶୋରୀ କିଶୋରମାନେ କିପରି ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କୁ ସଚେତନ କରିବାରେ ସହଯୋଗ କରିବେ ସେ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ପାଣି ଓ ରେଡକ୍ରସ ବୌଦ୍ଧର ସମ୍ପାଦକ ପ୍ରବୀର ଦାସ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମକୁ ୱାଇସିଡିଏର ପୂର୍ବତନ ଉପସଭାପତି ସଦାନନ୍ଦ ମିଶ୍ର ଏବଂ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଶିଶୁମନ୍ଦିର ଶିଶୁ ଓ ମିଶନ ପବ୍ଲିକ ସ୍କୁଲର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ୱାଇସିଡିଏର ପ୍ରୋଜେକ୍ଟ ନିର୍ଦ୍ଦେଶକ ଅରୁଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରୂପମ ମହାପାତ୍ର, ଶାମୁକା ପାତ୍ର, ଗିରିଶ ମେହେର ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବାଉଁଶୁଣୀ କଲେଜ ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ, ୱାଇସିଡିଏ ସମ୍ପାଦକ ରାଜେନ୍ଦ୍ର ମେହେର, ୱାଇସିଡିଏ ସଭାପତି ସନ୍ଧ୍ୟାରାଣୀ ପଟ୍ଟନାୟକ ଯୋଗଦେଇ ଶିଶୁମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କୁ କିପରି ଉତ୍ତମ ନାଗରିକ ଭାବେ ତିଆରି କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଆନନ୍ଦିନୀ ରଥ ଧନ୍ୟବାଦ ଦେଇଥିଲେ ।

# ବ୍ଲକ ସରପଞ୍ଚ ସଂଘର ଆନ୍ଦୋଳନ ପାଇଁ ପ୍ରସ୍ତୁତି

**ଅମରପାଲି,୧୯।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘର ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ପୌରହିତ୍ୟରେ ଏକ ଜରୁରୀ ବୈଠକ ଉଫୁଲା ଗ୍ରାମ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସରପଞ୍ଚ ସଂଘ ତରଫରୁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ସହ ଆଲୋଚନା ପାଇଁ ଏକ ସମନ୍ୱୟ କମିଟି ମନୋନୟନ କରାଯାଇଥିଲା। ସରପଞ୍ଚ ସଂଘର ବିଭିନ୍ନ ସମସ୍ୟାର ସମାଧାନ ଓ ଆଲୋଚନା ପାଇଁ ଉଫୁଲା ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ କର୍ମୀ, ଲୁଡୁରପଙ୍କ ସରପଞ୍ଚ ତଥା ସମ୍ପାଦକ ସୂର୍ଯ୍ୟ କୁମାର ନନ୍ଦ, ସରପଞ୍ଚ ପ୍ରମୋଦ ମହାପାତ୍ର, ମୁର୍ଛୁଣ୍ଡି ସରପଞ୍ଚ ମନୋଜ କୁମାର ସାହୁ, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲାଙ୍କୁ ସମନ୍ୱୟ କମିଟି ସଭ୍ୟାସଭ୍ୟ ଭାବେ ଚୟନ କରାଗଲା। ରାଜ୍ୟ ସରପଞ୍ଚ ମହାସଂଘ ନିଷ୍ପତ୍ତି କ୍ରମେ ଏକ ମାସ ସ୍ଥଗିତ ରହିଥିବା ଆନ୍ଦୋଳନ ବିଧାନସଭା ଶୀତ ଅଧିବେଶନ ଅବସରରେ ପୁଣି କରାଯିବା ପାଇଁ ସ୍ଥିରୀକୃତ ହେଇଥିଲା। କମିରା ସରପଞ୍ଚ ଅନୁସୟା ପଧାନ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହେରି, ବହଲପଦର ସରପଞ୍ଚ ନିରୁପମା ସେଠୀ, ଦୁର୍ଜନଟେଲା ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର, ହିଲୁଙ୍ଗ ସରପଞ୍ଚ ବନିତା ସେଠୀ, କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ସଂଗ୍ରାମପୁର ସରପଞ୍ଚ ଅଳକା କର୍ମୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ବ୍ଲକର ସମସ୍ତ ସରପଞ୍ଚ ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ସରପଞ୍ଚମାନେ।

# ସମ୍ବଲପୁରୀ ନୃତ୍ୟ, ଢୋଲ, ନିଶାନରେ ଦୁଲୁକିଲା ମଞ୍ଚ

#### ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା

**ବୌଦ୍ଧ/ପୁରୁଣାକଟକ/ତଳଗାଁ,୧୯।୧୧ (ଅଜିତ କୁମାର ବାରିକ/ସୁକାନ୍ତ କୁମାର ପଟ୍ଟନାୟକ/କୁନା ବେହେରା)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ଚାଲିଥିବା ତୃତୀୟ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଉପଲକ୍ଷେ ଅପରାହ୍ଣରେ ସ୍ଥାନୀୟ କଳାକାରମାନେ କୃଷ୍ଣଗୁରୁ, ସଂକୀର୍ତ୍ତନ, ଭାଗବତ ନାମ, ଭୈରବୀ ଡିଗ୍ରୀ ଓ ଯୁକ୍ତ ଦୁଇ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଚାରିଛକ ଓ ତିଳେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ପୁରୁଣାକଟକର ଦେହୁରୀ ପରିବାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସେହିପରି କନ୍ୟାଶ୍ରମ ବଡବନ୍ଧର ଛାତ୍ରୀ, ବର୍ଷା ଡ୍ୟାନ୍ସ ଗ୍ରୁପ ଓ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା।




ମହୋତ୍ସବର ଚତୁର୍ଥ ସନ୍ଧ୍ୟାର ଅତିଥି ।

ଚତୁର୍ଥ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଅଶୋକ ସେଠୀ ମଞ୍ଚାସୀନ ଥିଲେ । ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ, ମନୋଜ ପାଠୀ ଓ ଅଶୋକ ମହାନ୍ତି ପରିଚାଳନା କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ଗୀତ, ଜଗତସିଂହପୁରର ମା' ଶାରଳା ଘଟ ନୃତ୍ୟ ଓ କାଳିକୀ ତାଣ୍ଡବ, କଳାଜୀବୀ ଅନୁଷ୍ଠାନ ବରଗଡ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଫୁଲବାଣୀ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସମ୍ବଲପୁରୀ ନୃତ୍ୟ,ଢୋଲ ନିଶାନରେ ମଞ୍ଚ ଦୁଲୁକି ଉଠିଥିଲା । ମହୋତ୍ସବ କମିଟିର ଉପସଭାପତି ସରୋଜ ପ୍ରଧାନ, ସହ ସଂପାଦକ ସୁବାସ ପ୍ରଧାନ , ସାଂଗଠନିକ ସଂପାଦକ ପ୍ରାଣବନ୍ଧୁ ପ୍ରଧାନ, ସଦସ୍ୟ ସୁକାନ୍ତ କୁମାର ପଟ୍ଟନାୟକ, ସତୀଶ ବେହେରା, କୈଳାସ ଅଗ୍ରୱାଲା , ମନୋଜ ପାଢୀ, ବିଜୟ କହଁର, କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ମହୋତ୍ସବରେ ମୀନାବଜାର, ରାମଦୋଳି, ବିଭିନ୍ନ ସୁସ୍ୱାଦ ଖାଦ୍ୟର ମଜା ଦର୍ଶକ ନେଇଥିଲେ ।

## ସଂକ୍ଷେପରେ

### ବିଦ୍ୟୁତ୍ ପରିଷଦର ରାଷ୍ଟ୍ର ସର୍ବୋପରି ଆଲୋଚନାଚକ୍ର

**ବଡ଼ଗାଁ, ୧୯।୧୧ (ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବ୍ଲକ ସିଙ୍ଗାରମୁଣ୍ଡା ଶିଶୁ ବିଦ୍ୟା ମନ୍ଦିରରେ ସୁନ୍ଦରଗଡ ସଙ୍କୁଳସ୍ତରୀୟ ବିଦ୍ୟୁତ୍ ପରିଷଦର ରାଷ୍ଟ୍ର ସର୍ବୋପରି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିର ଉପସଭାପତି ପରମାନନ୍ଦ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସୁନ୍ଦରଗଡ ସଙ୍କୁଳ ପ୍ରମୁଖ ମଧୁସୂଦନ ରାଉତ ମୁଖ୍ୟ ଅତିଥି, ଜିଲା ସଙ୍କୁଳ ବିଦ୍ୟୁତ୍ ପରିଷଦ ସମ୍ପାଦକ ସୂର୍ଯ୍ୟନାରାୟଣ ମହାପାତ୍ର ମୁଖ୍ୟବକ୍ତା, ବୈଠକ ସଂଯୋଜକଭାବେ ଦେଓରାପଡା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଭିକାରୀ ଚରଣ ମହକୁଲ, ସବଡେଗା ଶିଶୁ ବିଦ୍ୟା ମନ୍ଦିର ପ୍ରଧାନଆଚାର୍ଯ୍ୟ ଗଣେଶ ଚନ୍ଦ୍ର ଖୁଣ୍ଟିଆ ସଙ୍କୁଳ ବିଦ୍ୟୁତ ପରିଷଦ ପ୍ରମୁଖଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଗୋକୁଳାନନ୍ଦ ନାଏକ, ପରିଚାଳନା ସମିତି କୋଷାଧକ୍ଷ ପ୍ରତାପ କୁମାର ବେଜ ରାଷ୍ଟ୍ର ସର୍ବୋପରି ଶୀର୍ଷକ ଉପରେ ଆଲୋଚନା ଉପସ୍ଥାପନ କରିଥଲେ। ମୁଖ୍ୟବକ୍ତା ମହାପାତ୍ର ଗୋପାଳନ ଓ ରାଷ୍ଟ୍ର ପ୍ରେମ ଉପରେ ମାର୍ଗ ଦର୍ଶନ ଦେଇଥିଲେ। ସଂଯୋଜକ ମହାକୁଲ, ଅତୀତରେ ରାଷ୍ଟ୍ର ବିରୋଧୀ ଶକ୍ତି ତଥା ଶାସକଙ୍କ କବଳରେ ଦେଶ କିପରି କବଳିତ ହୋଇଥିଲା କହିଥିଲେ। ସନାତନ ହିନ୍ଦୁ ଧର୍ମର ମହନୀୟତା, ରାଷ୍ଟ୍ର ପ୍ରତି ସମର୍ପିତ ଭାବନା ଉପରେ ମାର୍ଗ ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୩ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟୁତ୍ ପରିଷଦର ୭୫ ଜଣ ବରିଷ୍ଠ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟା କମଳା ଆପଟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିପ୍ତିଲତା ବାରିକ ମଞ୍ଚ ପରିଚାଳନା କରିଥଲେ। ବିଦ୍ୟା ମନ୍ଦିର ସମ୍ପାଦକ ବସନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସିଙ୍ଗାରମୁଣ୍ଡା ବିଦ୍ୟା ମନ୍ଦିର ଉପଦେଷ୍ଟା ସୁରେନ୍ଦ୍ର ଦାନୀ, ବିଦ୍ୟୁତ୍ ପରିଷଦ ସଭାପତି ସନାତନ ନାଏକ, ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ରବିରତ୍ନ ସାଙ୍କ ସହିତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ।



ଛଟ୍‌ପୂଜା ପାଇଁ ସୁନ୍ଦରଗଡ ଇବନଦୀ ଆରଆରଆଇଟି କଲୋନୀ ପଠା ଘାଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ବ୍ରତଧାରୀ ପୂଜାର୍ଚ୍ଚନା କରୁଛନ୍ତି।



ଇବନଦୀର ସମଲେଶ୍ୱରୀ ମନ୍ଦିର ଘାଟରେ ବ୍ରତଧାରୀ ମହିଳାପୁରୁଷ।

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ଛଟ୍ ବ୍ରତଧାରୀ

## ଛଟ ପୂଜା ପାଇଁ ଇବ୍ ନଦୀପଠା ମୁଖରିତ

**ସୁନ୍ଦରଗଡ, ୧୯।୧୧ (ଜୟ ନାରାୟଣ ମେଣ୍ଡୁଲି)**

ଛଟ୍‌ପୂଜା ପାଇଁ ସୁନ୍ଦରଗଡର ଇବ ନଦୀପଠା ରବିବାର ମୁଖରିତ ହୋଇଉଠିଥିଲା। ନଦୀର ବିଭିନ୍ନ ଘାଟରେ ଏଠାରେ ବସବାସ କରୁଥିବା ବିହାରୀ ସମାଜର ବ୍ରତଧାରୀ ମହିଳା ପୁରୁଷ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ। ସୋମବାର ସକାଳେ ପୁଣି ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ବ୍ରତ ଉଦଯାପନ କରିବେ। ସୁନ୍ଦରଗଡ ସମେତ ଜିଲାର ବିଭିନ୍ନ ସ୍ଥାନରେ ଥିବା ବିହାରୀ ସମାଜର ବ୍ରତଧାରୀ ବିଭିନ୍ନ ନଦୀ ଓ ଜଳାଶୟରେ ଏକତ୍ରିତ ହୋଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପୂଜାର୍ଚ୍ଚନା କରିଛନ୍ତି।

**ରାଜଗାଙ୍ଗପୁର (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଥିବା ବିହାରି ସମ୍ପ୍ରଦାୟ ଛଟପର୍ବ ପାଳନ କରିଛନ୍ତି। ରବିବାର ଅପରାହ୍ନରେ ବାଦ୍ୟଯନ୍ତ୍ର ସହ ବ୍ରତଧାରୀମାନେ ଘରୁ ବାହାରି ବିଭିନ୍ନ ଜଳାଶୟ ଯାଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ କରିଥିଲେ। ଏଥି ସହିତ ଜଳାଶୟ କୂଳରେ ଛଟି ମା'ଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସହରର ବାବାତଲାବଠାରେ, ସୂର୍ଯ୍ୟନାରାୟଣଙ୍କ ଏକ ମାଟିରେ ନିର୍ମିତ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଛି। ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରି ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ, ପୂର୍ବତନ ପୌରାଧକ୍ଷା ସୁସ୍ମିତା ପାଇକରାୟ, ପୂର୍ବତନ ଟାଉନ ବିଜେଡି ସଭାପତି ଅମରେଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛଟପର୍ବ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ।



ରାଜଗାଙ୍ଗପୁର ବାବାତଲାବଠାରେ ସୂର୍ଯ୍ୟନାରାୟଣଙ୍କ ମାଟିରେ ନିର୍ମିତ ପ୍ରତିମୂର୍ତ୍ତିକୁ ପୂଜା କରାଯାଉଛି।

**ବାଲିଶଙ୍କରା, (ହୃଦାନନ୍ଦ ବାରିକ)**

ରବିବାର ବିହାରୀମାନଙ୍କ ପାରମ୍ପରିକ ପର୍ବ ଛଟପୂଜା ପାଳିତ ହୋଇଯାଇଛି। ବାଲିଶଙ୍କରା ଡୁଡୁଙ୍ଗନାଳା ପୋଲ ନଦୀଘାଟରେ ବହୁ ସଖ୍ୟାରେ ଛଟ ବ୍ରତଧାରୀ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଢାଳିଥିଲେ। ମୁଖ୍ୟ ଅତିଥିଭାବେ ତଲସରା ନିର୍ବାଚନ ମଣ୍ଡଳୀର ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ କହିଥିଲେ କି ଛଟପର୍ବ କେବଳ ବିହାରୀମାନଙ୍କ ନୁହଁ ସମସ୍ତଙ୍କ ପର୍ବ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧକ୍ଷ ପିତାମ୍ବର ଶେଖର ଦେଓ, ସ୍ଥାନୀୟ ସରପଞ୍ଚ ସୁଲୋଚନା ସୁଆରୀ, ସ୍ୱେଚ୍ଛାସେବୀ ସୁଗ୍ରୀବ ବାଘ, ଟଙ୍କଧର ପଣ୍ଡା, ରବିଚନ୍ଦ୍ର ପଟେଲ, ଉଚ୍ଛବ ତନ୍ତୀ, ଗୋବିନ୍ଦ ସାହୁ, ଜଗନ୍ନାଥ, ସାହୁ, ବଳରାମ ନାଏକ, ଭବାନୀ ସାହୁ, ଅଶୋକ ସା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନନ୍ଦନ ସିଂ ଧନ୍ୟବାଦ ଦେଇଥିଲେ।

## ରାସ୍ତାରେ ଜଳିଗଲା ସ୍କୁଟି

**ସୁନ୍ଦରଗଡ, ୧୯।୧୧ (ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ-ଝାରସୁଗୁଡା ରାଜ୍ୟ ରାଜପଥ-୧୦ ବିଜୁ ଏକ୍ସପ୍ରେସ ୱେର ମସ୍କିକାନୀ ନିକଟରେ ରବିବାର ଅପରାହ୍ନରେ ଏକ ଚଳନ୍ତା ସ୍କୁଟିରେ ହଠାତ ନିଆ ଲାଗି ଯାଇଥିଲା। ଏଥିରେ ଥିବା ଦୁଇ ଆରୋହୀ ରବି ନାଗର(୨୭) ଓ ରୁସ୍ତମ ଗଣ୍ଡ(୨୭) ଗାଡି ଛାଡି ଜୀବନ ବଞ୍ଚାଇଥିଲେ। ଜଳିଯାଇଥିବା ସ୍କୁଟି(ଓଡି-୧୫-୦୬୬୪୬୬)ରେ ଥିବା ଆରୋହୀ ଦୁଇଜଣ ଏକ ଛେଳିକୁ ଅଖାରେ ପୂରାଇ ଯାଉଥିବା ବେଳେ ଏହି ଅଘଟଣା ଘଟିଥିଲା। ସ୍ଥାନୀୟ ଗ୍ରାମବାସୀ ଓ ଭଷ୍ମା ପୋଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ।



ଜଳି ଯାଇଥିବା ସ୍କୁଟି।

## ଗୌନ୍ତିଆଙ୍କ ପତ୍ନୀ ବିୟୋଗରେ ଶୋକ

**ବଡ଼ଗାଁ, ୧୯।୧୧ (ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ତୁଡାଲଗା ପଞ୍ଚାୟତ ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମର ଗୌନ୍ତିଆ ସ୍ୱର୍ଗତ ବେଣୁ ମାଧବ ହୋତାଙ୍କ ପତ୍ନୀ ଇନ୍ଦ୍ରାଣୀ ହୋତା(୮୪)ଙ୍କ ଶୁକ୍ରବାର ଅପରାହ୍ନରେ ଦେହାନ୍ତ ଘଟିଛି। ସେ ଜଣେ ଧର୍ମପ୍ରାଣ ମହିଳା ଓ ସମସ୍ତଙ୍କ ପ୍ରୀୟଭାଜନ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପୁତ୍ର ତୁଳାରାମ ହୋତା, ଜୟରାମ ଓ ସୀତାରାମ, ପୁତ୍ରବଧୂ, ପରିଜନଙ୍କ ଉପସ୍ଥିତିରେ ଅନ୍ତିମ ସତ୍କାର କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଇନ୍ଦ୍ରାଣୀଙ୍କ ମୃତ୍ୟୁରେ ଶୋକପ୍ରକାଶ କରିଛନ୍ତି।

## କଟକ ସାଇରେ ଫୁଟବଲ ତାଲିମ ନେବେ ଅମିତ

**ବନ୍ଧମୁଣ୍ଡା, ୧୯।୧୧ (ସୁବ୍ରତ ଦେ)**

ସୁନ୍ଦରଗଡ ଜିଲା ବନ୍ଧମୁଣ୍ଡା ଥାନା ତଥା ବିଶ୍ରା ବ୍ଲକ କପାଟମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁକୁଡ଼ା ଗାଁର ଅମିତ କୁଜୁର କଟକସ୍ଥିତ କ୍ରୀଡ଼ା ପ୍ରାଧିକରଣ ଅଫ ଇଣ୍ଡିଆ(ସାଇ)ରେ କ୍ରୀଡା ତାଲିମ ନେବେ। ଉତ୍କୃଷ୍ଟ ଫୁଟବଲ ପ୍ରଦର୍ଶନ ଆଧାରରେ ତାଙ୍କୁ ଚୟନ କରାଯାଇଛି। ଅମିତ କପାଟମୁଣ୍ଡାର ବାସିନ୍ଦା ସନ୍ଧୁ କୁଜୁର ଏବଂ ସୁନୀତା କୁଜୁରଙ୍କ ପୁଅ। ପିତା ସନ୍ଧୁ କୁଜୁର ଜଣେ କୃଷକ ଓ ମା' ସୁନୀତା ଜଣେ ଗୃହିଣୀ। ଅମିତ ବିଶ୍ରା ବ୍ଲକ ମହିପାନୀ ମଡେଲ ସ୍କୁଲର ଅଷ୍ଟମ ଶ୍ରେଣୀରେ ଏବେ ଅଧ୍ୟୟନ କରୁଛନ୍ତି। ଅମିତ ଗତ ଦୁଇବର୍ଷ ଧରି ବନ୍ଧମୁଣ୍ଡା ଡୁମେରତାସ୍ଥିତ ପ୍ରଗତି କ୍ଲବ ପଡ଼ିଆରେ ଫୁଟବଲ ପ୍ରଶିକ୍ଷକ ସିଦ୍ଧେଶ୍ୱର ବୋଦ୍ରା ଏବଂ ସାନକୋ ମାରାଣ୍ଡିଙ୍କଠାରୁ ତାଲିମ ଗ୍ରହଣ କରୁଛନ୍ତି। ରବିବାର କଟକ ସାଇ ଅଭିମୁଖେ ଅମିତ ବାହାରିବା ପୂର୍ବରୁ ପ୍ରଗତି କ୍ଲବର ସଦସ୍ୟମାନେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଫୁଟବଲ ପ୍ରଶିକ୍ଷକ ସିଦ୍ଧେଶ୍ୱର ବୋଦ୍ରା, ସାନକୋ ମାରାଣ୍ଡି, କ୍ଲବର ସଚିବ ସୁଲେଜର ଓରାମ, ରାମୁଦାସ ତନ୍ତୀ, ଥୋମାସ ଭେଙ୍ଗ୍ରା, କାର୍ତ୍ତିକ ମହାତୋ, ଶିବ ସିଂ, ଆନନ୍ଦ ଲାକ୍ରା, ଏଡୱିନ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଫୁଟବଲ ପ୍ରଶିକ୍ଷଣ ନେବାକୁ ଯିବା ପୂର୍ବରୁ ଅମିତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ବିଜେଡିର ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଶ୍ରମମନ୍ତ୍ରୀ ମନ୍ତ୍ରୀ ଶାରଦା ପ୍ରସାଦ ନାୟକ ଓ ଅନ୍ୟ ବିଜେଡି ନେତୃବର୍ଗ।

### ବିରୋଧୀଙ୍କୁ ଟକ୍କର ଦେବାକୁ ଶପଥ ନେଲେ

**ବଣାଇଁ, ୧୯।୧୧ (ପ୍ରଦୀପ ତ୍ରିପାଠୀ)**

ବିଜୁ ଜନତାଦଳ ବଣାଇଁ ନିର୍ବାଚନ ମଣ୍ଡଳୀର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଇଟିଡିଏ ସଭା କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ନ ପ୍ରାୟ ନିର୍ବାଚନ ପାଇଁ ଦଳର ସମରସଜ୍ଜାର ପ୍ରଥମ ଚରଣରେ ଉଭୟ କର୍ମୀ ଓ ନେତୃମଣ୍ଡଳୀଙ୍କ ଉତ୍ସାହ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ବିଜୁ ଜନତା ଦଳ ରାଉରକେଲା ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଓ ବଣାଇଁ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଷ୍ଟାଲିନ ପରିଜାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ବଣାଇଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ବ୍ଲକର ୮ଟି ଜିଲା ପରିଷଦ ଜୋନ ବଣାଇଁ, ଲହୁଣିପଡ଼ା ଗୁରୁଣ୍ଡିଆ ଓ କୋଇଡ଼ାର ଦୁଇଟି ଲେଖାଏ ଜୋନରୁ ୨ହଜାରରୁ ଅଧିକ ମହିଳା ଓ ପୁରୁଷ କର୍ମୀ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ ଦେବାପାଇଁ ରାଜ୍ୟ ଶଙ୍ଖ ଭବନ କାର୍ଯ୍ୟାଳୟ ପକ୍ଷରୁ ଦେବାଶିଷ ସ୍ୱାଇଁ ଓ ମନୋରଞ୍ଜନ ସ୍ୱାଇଁ ଶିବରକୁ ଆସି ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ସକ୍ରିୟ କର୍ମୀମାନେ ଆଗାମୀ ବିଧାନ ସଭା ନିର୍ବାଚନରେ ବିଧାୟକ ପଦ ହାସଲ ପାଇଁ କାର୍ଯ୍ୟ କରିବାକୁ ଅନୁପ୍ରାଣିତ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ବଣାଇଁର ଶଙ୍କର ସେନାପତି, ମନୋଜ ଡଗରା, ଗୁରୁଚରଣ ଦଣ୍ଡଦିଆଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ନେତା ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିଲେ । ଶେଷ ପର୍ଯ୍ୟାୟରେ ରବିବାର ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଞ୍ଜିତ କିଷାନ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବୀରବିଚିତ୍ରସେନ ନାୟକ, ସଭ୍ୟା ଯୁଲିଆନୀ କଣ୍ଡିର, ସୁଶୀଳା ନାୟକ, ଅପିନ୍ଦ୍ର କିଷାନ, ସୁନ୍ଦରଗଡ଼ ଜିଲା ପରିଷଦ ଉପସଭାପତି କମଲ ଲାକ୍ରା, ବିଭିନ୍ନ ବ୍ଲକ ସଭାପତି ଯୋଗ ଦେଇଥିଲେ। ଯୁବନେତା ତୋହିତାସ ମିଶ୍ର, ସିପୁନ ମିଶ୍ର, ତପୁ ଭୋଇ, କୁଳମଣି ପ୍ରଧାନ, ସଞ୍ଜୟ ଦାଶ, ସୁରୁଜ ତ୍ରିପାଠୀ, ଚିନ୍ମୟ ତ୍ରିପାଠୀ, ରମେଶ ନାୟକ, ଦୁଷ୍ମନ୍ତ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଲହୁଣୀପଡ଼ା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଲାଇବ୍ରେରୀ ଷ୍ଟଡିଗୃହକୁ ଉଦ୍‌ଘାଟନ ଅବସରରେ ବିଧାୟକ ଓ ଅନ୍ୟମାନେ।

**ଲହୁଣୀପଡା, ୧୯।୧୧ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ସୁନ୍ଦରଗଡ ଜିଲା ଲହୁଣୀପଡା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମୁଖ୍ୟବକ୍ତାଭାବେ ବାବା ବାଣେଶର ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ପ୍ରମୋଦ କୁମାର ମାହାନ୍ତ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଚୁଡାମଣି ସାହୁ ଏଥିରେ ଅଧକ୍ଷତା କରିଥିଲେ। ଅଧାପକ ନିହାର ରଞ୍ଜନ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ର ହିତେଶ କୁମାର ରଣା ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ସଞ୍ଜୟ କୁମାର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟ ପରିସରରେ ବିଧାୟକଙ୍କ ପାଣ୍ଠିରୁ ନିର୍ମିତ ସାଇକେଲ ଷ୍ଟାଣ୍ଡ ଓ ଲାଇବ୍ରେରୀ ଷ୍ଟଡି ଗୃହକୁ ବିଧାୟକ ଏହି ଅବସରରେ ଉଦ୍‌ଘାଟନ କରିଥିଲେ। ପ୍ରସନ୍ନ କୁମାର ପ୍ରଧାନ, ମିନା ମାହାନ୍ତ ଦୁର୍ଯ୍ୟୋଧନ ମାହାନ୍ତ, ଦୁର୍ଗା ଚରଣ ମାହାନ୍ତ, ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ମନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦାରା ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

**ସୁନ୍ଦରଗଡ, ୧୯।୧୧ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ରବିବାର ସ୍ଥାନୀୟ ଜିଲା ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଜିଲାପାଳ ଡା.ପରାଗ ହର୍ଷଦ ଗାଭାଲି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ସମବାୟ ସମିତି ସମୂହର ଉପନିବନ୍ଧକ ଉମାଶଙ୍କର ଦାସ, ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଟିଡିସିସି ସଭାପତି ଚମେଲି ଓରାମ, ଜିଲା ସମବାୟ ସଂଘ ସଭାପତି ଭରତ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସୁନ୍ଦରଗଡ ସହକାରୀ ସମବାୟ ନିବନ୍ଧକ ଗ୍ରାଭିଏଲ ସୋରେଙ୍ଗ, ପାନପୋଷ ସହକାରୀ ସମବାୟ ନିବନ୍ଧକ ବିକାଶ ସାମାଦ ଓ ବଣାଇ ସହକାରୀ ସମବାୟ ନିବନ୍ଧକ ଅରୁଣା ମହାରଣା, ସମୀକ୍ଷକ ଚୈତନ୍ୟ ବେମାଲଙ୍କ ସମେତ ଜିଲାର ବିଭିନ୍ନ ସମବାୟ ସମିତି ସଭାପତି ଓ ପରିଚାଳନା ପରିଷଦ ପରିଚାଳନା ନିର୍ଦ୍ଦେଶକ, ଚାଷୀ, ଏସ୍ଏଚ୍‌ଜି ମା', କୃଷି ଛାତ୍ରୀଛାତ୍ର, ଜିଲାସ୍ତରୀୟ ଅଧିକାରୀ ଓ ସମବାୟ ପ୍ରେମୀ ଉପସ୍ଥିତ ଥିଲେ। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଭାରପ୍ରାପ୍ତ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ନନ୍ଦ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତଯୋଗିତାର କୃତୀ ପ୍ରତୀଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତଦ୍ ସଙ୍ଗେ ରାଜ୍ୟସ୍ତରରେ ପୁରସ୍କୃତ ସମବାୟ ସମିତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମବାୟ ବିଭାଗର ପ୍ରସନ୍ନ ପଟେଲ, ସୀତାରାମ ବାଗ, ସୁବାଷ ଚନ୍ଦ୍ର ପାଲ, ଶିଶିର ପଟେଲ, ପ୍ରକାଶ ନାଏକ, ଶ୍ରବଣ ଗର୍ଡିଆ, ଫ୍ରାନ୍ସିସ କୁଜୁର, ରବି ବେହେରା, ଅଶୋକ ପଶାୟତ, ସୁଧୀର ବେକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଅମିୟ ଦାସ ସ୍ମାରକୀ ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ

### ମଞ୍ଚାବେଡା ହକି ଦଳକୁ ହରାଇଲା ଗୁଡୁଟୋଲା

**ଲହୁଣୀପଡା, ୧୯।୧୧ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ସାନରକ୍ସିସ୍ଥିତ କୁଶଳ ତିର୍କୀ ମିନି ଷ୍ଟାଡିୟମରେ ୮ଦିନ ଧରି ଚାଲିବାକୁ ଥିବା ସହିଦ ଅମିୟ ଦାସ ସ୍ମାରକୀ ହକି ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି, ସମ୍ମାନିତ ଅତିଥି କାଲଟା ମଇନ୍ସ ଜେନେରାଲ ମ୍ୟାନେଜର ତିଳକ ପଟ୍ଟନାୟକ, କୋଇଡା ବ୍ଲକ ଅଧକ୍ଷ ସୁରେଶ ନାଏକ, ଜିଲା ପରିଷଦ ସଭ୍ୟା ଶୁଶିଳା ମୁଣ୍ଡା, କେପିଏସ ଟ୍ରାନ୍ସପୋର୍ଟିଂ ନିର୍ଦ୍ଦେଶକ ସାକିଲ ଅହମ୍ମଦ, ମ୍ୟାନେଜର ଡେକୋ ଶରତ ଚନ୍ଦ୍ର ରାମ,ପ୍ରଭାତ ପଣ୍ଡା ପ୍ରମୁଖ ଯୋଗଦେଇ ହକି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବଣେଇ ବିଧାୟକ ତଥା ଆୟୋଜକ କମିଟି ସଭାପତି ଲକ୍ଷ୍ମଣ ମୁଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମୁଦାୟ ୭୬ଟି ହକି ଦଳ ପଞ୍ଜିକରଣ କରିଛନ୍ତି। ଉଦ୍‌ଘାଟନୀ ଖେଳ ମଞ୍ଚାବେଡା ହକିଦଳ ଓ ଗୁଡୁଟୋଲା ମଧ୍ୟରେ ହୋଇଥିଲା। ୩-୦ଗୋଲରେ ଗୁଡୁଟୋଲା ବିଜୟୀ ହୋଇଥିଲା। ଦିନେଶ ଏକ୍କା, ଜ୍ୟୋତି ଲାକ୍ରା, ମନୋଜ ସଏ, ବିକାଶ ଆଇନ୍ଦି ଶାନ୍ତିଶୃଙ୍ଖଳାର ସହିତ ଖେଳ ପରିଚାଳନା କରିଥିଲେ। ସାନ ରକ୍ସି ସରପଞ୍ଚ ଆନନ୍ଦ ମାସି ହରୋ, ନେଲସନ ମୁଣ୍ଡା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ, ଡ଼ି.କେ.ବଳ, ନୋଏଲ ଗୁଡ଼ିଆ, କରାମପାଲ ସିଂ, ରୋୟାନ କାଣ୍ଡୁଲାନା, ଆନନ୍ଦ ହରୋ, ମନୋଜ ପୂର୍ତ୍ତି, ଜୋଲାନ ହରୋ, ଶାନ୍ତି ହରୋ, ଓମନ୍ତ କୁମାର ମାହାନ୍ତ, ଶାନ୍ତନୁ କୁମାର ନନ୍ଦ, ସାରାନି ସୁରୁନି, ବହାଲିନ ମୁଣ୍ଡା, ଶାନ୍ତି ମୁଣ୍ଡା, ରୋୟା ଲାଗୁରିଙ୍କ ସମେତ କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା: ଯୁବକ କୋର୍ଟ ଚାଲାଣ

ଜମନକିରା,୧୯।୧୧(ରବୀନ୍ଦ୍ର ପ୍ରସାଦ ଦାନୀ) ସମ୍ବଲପୁର ଜିଲା ଜମନକିରା ଥାନା ସରଡା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ରବିବାର ଜମନକିରା ପୋଲିସ କୁଚିଣ୍ଡା ଥାନା ଜମନକିରା ବ୍ଲକ ଗୁଣ୍ଡୁରୁଚୂଆଁ ଗାଁର ଜୟପ୍ରକାଶ କିଷାନ (୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ କୋର୍ଟ ହାଜତକୁ ପଠାଇଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଏନେଇ ଜମନକିରା ଥାନାରେ ଏକ ମାମଲା (ନଂ.୧୬୧/୨୩) ରୁଜୁ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ଗତ ୩ ବର୍ଷ ହେବ ପ୍ରକାଶ ବିବାହ ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯୁବତୀଙ୍କ ସହ ଶାରୀରିକ



ସମ୍ପର୍କ ରଖିଥିଲେ। କିଛି ଦିନ ପାଇଁ ନିଜ ଘରେ ରଖିଥିଲେ। ଉକ୍ତ ସମୟରେ ଯୁବତୀ ଗର୍ଭବତୀ ହୋଇଯାଇଥିଲେ। ପ୍ରକାଶ ଫୁସୁଲା ଫୁସୁଲି କରି ଗର୍ଭପାତ କରାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ବିବାହ ପାଇଁ ଅମଙ୍ଗ ହୋଇଥିଲେ। ଯୁବତୀଙ୍କୁ ଆଣି ଜମନକିରା ବସଷ୍ଟାଣ୍ଡରେ ଛାଡି ଚାଲି ଯାଇଥିଲେ। ବହୁତ ଅନୁରୋଧ ସତ୍ତ୍ୱେ ପ୍ରକାଶ ଆଉ ବିବାହ ପାଇଁ ରାଜି ନ ହେବାରୁ ଯୁବତୀ ଶନିବାର ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଥାନାରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିଲା।

### ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସେଲ୍ସ ରିପ୍ରେଜେଣ୍ଟିଭ୍‌ଙ୍କ ପରିବାରଙ୍କୁ ଆର୍ଥିକ ସହାୟତା

ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର) ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟିଭ ସଂଘ ପକ୍ଷରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବିଦ୍ୟାଧର ମାଝିଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏକ ଔଷଧ କମ୍ପାନୀରେ ସେଲ୍ସ ରିପ୍ରେଜେଣ୍ଟିଭ୍ ଭାବେ କାର୍ଯ୍ୟ କରୁଥିବା ବିଦ୍ୟାଧର ଗତ ୭ ତାରିଖରେ ଝାରସୁଗୁଡ଼ା ଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ରବିବାର ସଂଘ ପକ୍ଷରୁ ତାଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସଂଘର ରାଜ୍ୟ ସମ୍ପାଦକ ସୁଶାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ, ଜିଲା ସଭାପତି, ଜିଲା ସମ୍ପାଦକ, ଅନୁଗୋଳ ଜିଲା କୋଷାଧକ୍ଷ ନାଉକଟିଦେଉଳ ପଣ୍ଡୁଆଳ ଗ୍ରାମରେ ବିଦ୍ୟାଧରଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାକ୍ଷାତ କରିଥିଲେ। ସଂଘର ସଦସ୍ୟଙ୍କ ପକ୍ଷରୁ ସଂଗୃହିତ ମୋଟ ୪୮,୪୫୯ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ତାଙ୍କ ପରିବାରଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି।

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବିଭୋର ଦର୍ଶକ



ଶାସନସ୍ଥିତ ବିକାଶ ବିଦ୍ୟାଳୟଠାରେ ବିକାଶ ଅନୁଷ୍ଠାନ ସମୂହର ବାର୍ଷିକୋତ୍ସବ ପରିକ୍ରମାରେ ଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ କରାଯାଉଛି।

### ବିକାଶରେ ବାର୍ଷିକୋତ୍ସବ

ସମ୍ବଲପୁର,୧୯।୧୧(ବି.ଶଙ୍କର) ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ବିଦ୍ୟାଳୟଠାରେ ବିକାଶ ଅନୁଷ୍ଠାନ ସମୂହର ୧୩ତମ ବାର୍ଷିକୋତ୍ସବ ପରିକ୍ରମା ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବିଧୂଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷାନୀତିରେ ପ୍ରୟୋଗ କରି ଛାତ୍ରୀଛାତ୍ରମାନେ ସେମାନଙ୍କ ଭବିଷ୍ୟତ କିପରି ଉଜ୍ଜ୍ୱଳ କରିପାରିବେ ସେନେଇ ମତବ୍ୟକ୍ତ କରିଥିଲେ। ହୀରାକୁଦ ହିଣ୍ଡାଲକୋ ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ଦେବାଶିଷ ମଲ୍ଲିକ ସମ୍ମାନିତ ଅତିଥି ଥିଲେ। ସେ ଅଧ୍ୟୟନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ସମ୍ପୃକ୍ତି ରହିବା ଉଚିତ ବୋଲି ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ବିକାଶ ଅନୁଷ୍ଠାନ ସମୂହ ସମ୍ବଲପୁର ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣାନ ଅନୁଷ୍ଠାନର ସୁବିଧା ଓ ଉପଲବ୍ଧି ବିଷୟରେ ବିବରଣୀ ଦେଇଥିଲେ। ବିକାଶ ଫାଷ୍ଟ ଷ୍ଟେପ ଅଧ୍ୟକ୍ଷା ଭି. ଶୈଳଜା, ବିକାଶ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ବାର୍ଷିକ ବିବରଣୀ ପାଠ ଏବଂ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଆଗାମୀ ଦିନରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଦିଗରେ ଅନେକ ପରିସର ସୃଷ୍ଟି କରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ବିକାଶ ଗ୍ରୁପ ଏକଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ବିଦ୍ୟାଳୟଗୁଡ଼ିକ ହେଉଛି ଛାତ୍ରୀଛାତ୍ରଙ୍କ ନୂତନ ଚିନ୍ତାଧାରା ଏବଂ ସୃଜନଶୀଳତା ସୃଷ୍ଟିର କ୍ଷେତ୍ର ବୋଲି କହିଥିଲେ। ଗ୍ରୁପର ଡିନ ପିତାମ୍ବର ଦାସ ଓ ଏକଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ ଯୋଗଦେଇ ଶ୍ରେଷ୍ଠ ହାଉସ ନାମ ଘୋଷଣା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଦିବ୍ୟସିଂହ ମହାନ୍ତଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନରେ ଥିବା ଛାତ୍ରୀଛାତ୍ରଙ୍କୁ ସ୍ମୃତିଫଳକ ଓ ସାର୍ଟିଫିକେଟ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଉତ୍ସର୍ଗ ସାମାଜିକ ଅନୁଷ୍ଠାନକୁ ସମ୍ମାନିତ କରିଥିଲେ । ସଭା ଶେଷରେ ନିର୍ଦ୍ଦେଶିକା ଗୀତିକା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତାକର୍ଷକ, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରାରମ୍ଭିକ ନୃତ୍ୟରେ ବିଭୋର ହୋଇଥିଲେ ଦର୍ଶକ। ସଙ୍ଗୀତ ଗୁରୁ ଲବ ଭୂୟାଁ, ନବ କୁମାର ଦାସ, ନୃତ୍ୟଗୁରୁ ପିତାମ୍ବର କୁମ୍ଭାର, ଚିତ୍ତରଞ୍ଜନ ପ୍ରଧାନ, ଅଜୟ ଜାଲ, ତୃପ୍ତି ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ, ବେଦମନ୍ତ୍ର ଉଚ୍ଚାରଣ ଏବଂ ପ୍ରାରମ୍ଭିକ ନୃତ୍ୟ ପରିବେଷିତ ହୋଇଥିଲା।

# ଜଙ୍ଗଲରେ ହାତୀର ମୃତଦେହ ଠାବ

ନାକଟିଦେଉଳ, ୧୯।୧୧ (ବୈକୁଣ୍ଠ ନାଥ ସାହୁ) ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ସାଲେଭଟା ଗ୍ରାମପଞ୍ଚାୟତର କୁନ୍ଦେଇଜୁରୀ ଗ୍ରାମ ନିକଟ ଜଙ୍ଗଲରେ ରବିବାର ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। କୁନ୍ଦେଇଜୁରୀ ଗ୍ରାମଠାରୁ ପ୍ରାୟ ଦୁଇ ଶହ ମିଟର ଦୂର ଖାସଡ଼ା ଜଙ୍ଗଲରେ ଏକ ଦନ୍ତା ହାତୀ ମରି ପଡ଼ିଥିବା ଜଣାପଡିଥିଲା। ଏ ସମ୍ପର୍କରେ ଖବର ପାଇବା ପରେ ବନ ବିଭାଗର ରେଢ଼ାଖୋଲ ଡିଏଫଓ ଅରବିନ୍ଦ ମହାନ୍ତି, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ବାଟଗାଁ ଫରେଷ୍ଟର ଅରୁଣ କୁମାର ପ୍ରଧାନ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଏହି ହାତୀର ବୟସ ଆନୁମାନିକ ୧୫ ବର୍ଷରୁ ଅଧିକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି। ତେବେ ଏ ସମ୍ପର୍କରେ ରେଢ଼ାଖୋଲ ଡିଏଫଓ ଅରବିନ୍ଦ ମହାନ୍ତିଙ୍କୁ ପଚରା ଯିବାରୁ ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ସନ୍ଧ୍ୟା ହୋଇ ଯିବାରୁ ହାତୀର ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ସୋମବାର ସକାଳୁ ବନବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।



କୁନ୍ଦେଇଜୁରୀ ଗ୍ରାମ ନିକଟ ଜଙ୍ଗଲରେ ହାତୀର ମୃତଦେହ ପଡ଼ିଛି।

# କଳା ଏକାଡେମୀର ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର, ୧୯।୧୧(ବି.ଶଙ୍କର) ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନୁପାଲିସ୍ଥିତ ସମ୍ବଲପୁର କଳା ଏକାଡେମୀର ୩୦ତମ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଧନୁପାଲିସ୍ଥିତ ଏକାଡେମୀ ପରିସରରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ୬ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ନୌକା, ପଦ୍ମଫୁଲ, ପଦ୍ମ ପୋଖରୀ, ନଦୀ ତଟ, ଯାନିଯାତ୍ରା, ଗ୍ରାମୀଣ ଜୀବନ, ସହର ଦୃଶ୍ୟ, ରୂପଚିତ୍ର ବିଷୟବସ୍ତୁ ଉପରେ ଚିତ୍ରଆଙ୍କିଥିଲେ। ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ ସାହୁ ପ୍ରତିଯୋଗିତା ବିଷୟରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଏକାଡେମୀର ପବିତ୍ର ବେରିହା, ସୁମନ ପାଲ, ସୁବ୍ରତ ବେହେରା, କୁଲଦୀପ ବର୍ମା, ନମ୍ରତା ନାୟକ, ଆଶିଷ ମେହେର, ଶ୍ରଦ୍ଧା ସୁମନ ସାହୁ, ଆୟୁଷ୍ମାନ ଦାସ, ରାଜେଶ ବଡେଇ, ଶିବାନୀ ଭୋଇ, ତନିଶା ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ।



ସମ୍ବଲପୁର କଳା ଏକାଡେମୀର ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରତିଯୋଗୀ।

# ମାଗଣା ସେବା ଦେଉଥିବା ଡାକ୍ତର ସମ୍ମାନିତ

### ଡାକ୍ତର ସଞ୍ଜୀବଙ୍କୁ ନ୍ୟାଶନାଲ ଏକାଡେମିକ ଏକ୍ସଲେନ୍ସି ଆୱାର୍ଡ

ସମ୍ବଲପୁର,୧୯।୧୧(ବି.ଶଙ୍କର) ବସ୍ତିବାସିନ୍ଦା ଓ ଗରିବ ରୋଗୀଙ୍କୁ ମାଗଣା ସେବା ଯୋଗାଇ ଦେଉଥିବା ବୁର୍ଲା ଭିମ୍‌ସାର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ସଞ୍ଜୀବ ମିଶ୍ର ସମ୍ମାନିତ ହୋଇଛନ୍ତି। ସେବା, ଶିକ୍ଷା, ଗବେଷଣା ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଆସିଷ୍ଟାଣ୍ଟ ପ୍ରଫେସର ମିଶ୍ରଙ୍କୁ ସମ୍ମାନଜନକ ଭାରତୀୟ ମେଡିକାଲ ଆସୋସିଏସନ ପକ୍ଷରୁ ନ୍ୟାଶନାଲ ଏକାଡେମିକ ଏକ୍ସଲେନ୍ସି ଆୱାର୍ଡ ଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ଆଇଏମ୍ଏ କାର୍ଯ୍ୟାଳୟରେ ଆଇଏମ୍ଏ ସଭାପତି ଏହି ଆୱାର୍ଡ ପ୍ରଦାନ କରିଛନ୍ତି। ଏହି କ୍ରମରେ ଦେଶର ଶ୍ରେଷ୍ଠ ୫ଜଣ ଡାକ୍ତରଙ୍କୁ ଏହି ସମ୍ମାନ ଦିଆଯାଇଛି। ଡାକ୍ତର ସଞ୍ଜୀବ ଦୀର୍ଘ ବର୍ଷ ହେଲା ଭିମସାରରେ କାର୍ଯ୍ୟରତ ଅଛନ୍ତି। କୋଭିଡ୍ ଭେକ୍ସିନେସନ ସେଣ୍ଟର ଓ କୋଭିଡ୍ କେୟାର ସେଣ୍ଟରରେ ସଂଯୋଜକ ଭାବେ କାମ କରି ସେ ପ୍ରଶଂସା ସାଉଁଟିଛନ୍ତି। ମେଡିକାଲ ରିସର୍ଚ୍ଚ ୟୁନିୟନରେ ସଫଳତାର ସହ ପ୍ରକଳ୍ପ କରିବାରେ ସେ ପ୍ରଥମ ଗବେଷକ ଭାବେ ସଫଳ ହୋଇଥିଲେ। ଗବେଷଣାରେ ୧୫ରୁ ଅଧିକ ରିସର୍ଚ୍ଚ ପବ୍ଲିକେଶନ ତାଙ୍କ ନାଁରେ ରହିଛି। କରୋନା ସମୟରେ କୋଭିଡ୍ ଭ୍ୟାକସିନ ଉପରେ ଗବେଷଣା କରି ଭୀମସାର ତଥା ରାଜ୍ୟ ପାଇଁ ସୁନାମ ଆଣିପାରିଥିଲେ। ଏହା ସହ ସେ ପୂର୍ବରୁ ଜୁନିୟର ଡାକ୍ତର ଆସୋସିଏଶନରେ ସଭାପତି ଭାବେ ଦାୟିତ୍ୱ ତୁଲାଇ ଥିଲେ। ଡାକ୍ତର ସଞ୍ଜିବ ଗତ କିଛି ମାସ ହେଲା ସମ୍ବଲପୁରରେ ରୋଗୀଙ୍କୁ ମାଗଣା ସେବା ଯୋଗାଇ ଆସୁଛନ୍ତି। ତାଙ୍କ ଡାକ୍ତର ସ୍ତ୍ରୀଙ୍କ ସହ ମିଶି ସେ ଏହି ମାଗଣା କ୍ଲିନିକରେ ନିୟମିତ ରୋଗୀ ଦେଖୁଛନ୍ତି। ଏହି ସମ୍ମାନ ମିଳିବା ପରେ ଡାକ୍ତର ମିଶ୍ର କହିଛନ୍ତି, ଶିକ୍ଷା, ଗବେଷଣା ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବାକୁ ଏହି ସମ୍ମାନ ମୋତେ ପ୍ରେରଣା ଦେବ। ରୋଗ ସମ୍ବନ୍ଧିୟ କାରଣ ଓ ନିରାକରଣ ଉପରେ ଗବେଷଣା ନିହାତି ଜରୁରୀ। ଭୀମସାର ଭଳି ସ୍ୱୟଂଶାସିତ ଅନୁଷ୍ଠାନରେ ରୋଗୀ ସେବା ଯେତିକି ଆବଶ୍ୟକ, ଚିକିତ୍ସା କ୍ଷେତ୍ରରେ ଗବେଷଣା ମଧ୍ୟ ସେତେ ଜରୁରୀ। ତେଣୁ ଏହି ପ୍ରକ୍ରିୟା ନିରନ୍ତର ହେବା ଦରକାର। ଯାହାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। ସେହିଭଳି ଗରିବ ଲୋକଙ୍କ ସେବା ପାଇଁ ମଧ୍ୟ ଆମେ କାମ କରିବା ଦରକାର ବୋଲି ସେ କହିଛନ୍ତି ।




ନୂଆଦିଲ୍ଲୀସ୍ଥିତ ଆଇଏମଏ କାର୍ଯ୍ୟାଳୟରେ ଆଇଏମଏ ସଭାପତିଙ୍କଠାରୁ ଡାକ୍ତର ସଞ୍ଜିବ ପୁରସ୍କାର ଗ୍ରହଣ କରୁଛନ୍ତି।

### ପୁରାତନ ଲୋକକଳା ସମ୍ପ୍ରଦା କର୍ମଶାଳା ଆୟୋଜିତ

ସମ୍ବଲପୁର,୧୯।୧୧ (ଭବାନୀ ଶଙ୍କର ଭୋଇ) ଓଡ଼ିଶାର ଲୋକସଂସ୍କୃତିର ବାର୍ତ୍ତାବହ ପାଲା, ଦାସକାଠିଆ, ସଞ୍ଚାର, ସମ୍ପ୍ରଦା ଆଦି ହଜିବାକୁ ବସିଛି। ସେହି ଲୋକକଳାଗୁଡିକୁ ବଞ୍ଚାଇବା ସହ ସେଗୁଡିକରୁ ପ୍ରଚାର ପ୍ରସାର ପାଇଁ ରବିବାର ମାନେଶ୍ୱର ବ୍ଲକର ଚକୁଳି ଗ୍ରାମରେ ସାଂସ୍କୃତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରମ୍ପାରିକ ଲୋକକଳା ସମ୍ପ୍ରଦା ଉପରେ ଆଲୋଚନା କରାଯାଇଥିଲା। ପ୍ରାୟ ୬୦ ବର୍ଷ ହେଲା ଏହି ଲୋକକଳା ସମ୍ପ୍ରଦାକୁ ପ୍ରଦର୍ଶନ କରି ଆସୁଥିବା ଚକୁଳି ଗ୍ରାମର ମା' ସମଲେଶ୍ୱରୀ ସମ୍ପ୍ରଦା ପାର୍ଟିର କର୍ମକର୍ତ୍ତା ସୂଚନା ଦେଇଥିଲେ। କର୍ମଶାଳାରେ ସାହସପୁର ପଞ୍ଚାୟତର ସରପଞ୍ଚ ଦିବାକର ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମାନେଶ୍ୱର ବ୍ଲକ କଳା ସଂସ୍କୃତି ସଂଘର ସଭାପତି କମଳଲୋଚନ ପଣ୍ଡା, ଉପସଭାପତି ରଞ୍ଜିତ ସାହୁ, ଅଭିନେତା ନିର୍ଦ୍ଦେଶକ ସୂର୍ଯ୍ୟ ପାଣିଗ୍ରାହୀ, କବି, କଳାକାର ଲଳିତ ମୋହନ ବେବର୍ତ୍ତା, ସାଂସ୍କୃତିକ ସଙ୍ଗଠକ ରାହୁଲ ଗୁପ୍ତା ଓ ଦେବାଶିଷ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସଞ୍ଚାର, ସମ୍ପ୍ରଦା ପରି ପାରମ୍ପରିକ ଲୋକକଳା ସମ୍ପନ୍ନ ଚକୁଳି ଗ୍ରାମକୁ ସଂସ୍କୃତି ଗ୍ରାମ ଭାବରେ ଘୋଷଣା କରିବାକୁ ଦାବି କରାଯାଇଥିଲା।

## ପରମେଶ୍ୱର ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା

# ଆର୍‌କେ ସ୍ପୋର୍ଟିଂ ଚାମ୍ପିୟନ



ଫୁଟବଲ୍ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଖେଳାଳି, ଅତିଥି।

ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର) ଦେଓଗାଁ ପଞ୍ଚାୟତ ଗଇନପୁରାଠାରେ ଜୟଭୀମ୍ କ୍ଲବ ଆନୁକୂଲ୍ୟରେ ୭ମ ପରମେଶ୍ୱର ସ୍ମାରକୀ ଏକ ଦିବସୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗଇନପୁରା ଫୁଟ୍‌ବଲ୍ ପଡ଼ିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଗୋଲାବନ୍ଧ ଓ ଆର୍‌କେ ସ୍ପୋର୍ଟିଂ କ୍ଲବ ବୁର୍ଲା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଅମିମାଂଶିତ ହେବାରୁ ଟାଇବ୍ରେକର୍ ସହାୟତା ନିଆଯାଇଥିଲା। ଟାଇବ୍ରେକର୍‌ରେ ଆର୍‌କେ ସ୍ପୋର୍ଟିଂ କ୍ଲବ ବୁର୍ଲା ଦଳ ୪/୨ ଗୋଲରେ ଗୋଲାବନ୍ଧ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଖେଳକୁ ରେଫରୀ ଭାବେ ଅଭି ମହାନନ୍ଦ, କିଶୋର ଭୋଇ, କର୍ଣ୍ଣ ବେହେରା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଯୋଗେଶ ରାଉତ, ଆଶିଷ ଖମାରୀ, ଶୁକ ରଞ୍ଜନ ବେଲ, ପ୍ରଫୁଲ୍ଲ ମିର୍ଦ୍ଧା, ରୋହିତ ବୁଡ଼େକ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବିଜେତା ଦଳକୁ ଟ୍ରଫି ସହ ୯ ହଜାର ଟଙ୍କା ଓ ଉପବିଜେତା ଦଳକୁ ରନର୍ସଅପ୍ ଟ୍ରଫି ସହ ୭ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୟଭୀମ କ୍ଲବର ସଞ୍ଜୟ ନାୟକ, ଦେବେନ ବୁଡ଼େକ, ଅଭି ବୁଡ଼େକ, ପଦ୍ମଲୋଚନ ବେଲ, ଭୀମ ମହାଲିଙ୍ଗ, ପ୍ରେମାନନ୍ଦ ଭୋଇ, ଟିଙ୍କୁ ଓରାମ, ଜୟ ପ୍ରକାଶ ଓରାମ, ମାନୁ ବୁଡ଼େକ ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।

# କୁଚିଣ୍ଡାରେ ଜିଲାସ୍ତରୀୟ ସମବାୟ ମହୋତ୍ସବ

କୁଚିଣ୍ଡା,୧୯।୧୧(ବିରଞ୍ଚି ଦର୍କା) ୭୦ତମ ନିଖିଳ ଉତ୍କଳ ଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ରବିବାର କୁଚିଣ୍ଡା ଟାଉନହଲଠାରେ ଜିଲାସ୍ତରୀୟ ସମବାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ ମୁଖ୍ୟବକ୍ତା, କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ, ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମୂଲ୍ୟାନନ୍ଦ ମହାନ୍ତି, ଡିଆରସିଏସ ଲିଙ୍ଗରାଜ ନାୟକ, ସମ୍ବଲପୁର ଏଆର୍‌ସିଏସ୍ ଅଜିତ ବଗର୍ତ୍ତୀ, କୁଚିଣ୍ଡା ଏଆର୍‌ସିଏସ ଭବାନୀକାନ୍ତ ନାଏକ, ରେଢାଖୋଲ ଏଆର୍‌ସିଏସ୍ ଗିରିଶ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ସମବାୟ ଦ୍ୱାରା ଚାଷୀମାନେ କିଭଳି ଅଧିକ ଉପକୃତ ହେବେ ସେନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଲ୍ୟାମ୍ପ୍ସ ପରିଚାଳନା ପରିଷଦର କର୍ମକର୍ତ୍ତା, କର୍ମଚାରୀ ଓ ଚାଷୀ ଯୋଗ ଦେଇଥିଲେ। ସମବାୟ ସପ୍ତାହ ପାଳନ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ନାରାୟଣ ସାହୁ ସଭା ପରିଚାଳନା କରିଥିଲେ। ସମ୍ବଲପୁର ଏସଏଆରସିଏସ ଶୁଶିଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ କୁଚିଣ୍ଡା ସମଲେଇ ମନ୍ଦିରଠାରୁ ଆର୍‌ଏମ୍‌ସି ଅଫିସ ପର୍ଯ୍ୟନ୍ତ ଏକ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଉପଜିଲାପାଳ ବିଭୂତିଭୂଷଣ ନାୟକ, ଏସ୍‌ଡିପିଓ ଅମିତାଭ ପଣ୍ଡା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ତହସିଲଦାର ପ୍ରସନ୍ନ ଟେଟେ, ବ୍ୟାଙ୍କ କାର୍ଯ୍ୟନିର୍ବାହୀ ଅଧିକାରୀ ଅମୂଲ୍ୟାନନ୍ଦ ମହାନ୍ତି, ଏଆରସିଏସ ଭବାନୀକାନ୍ତ ନାଏକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲ୍ୟାମ୍ପ ସଭାପତି ନବୀନ ମାଝି, ବାପ୍ରଚରଣ ବାଘ, ହୃଦାନନ୍ଦ ମାଝି, ଉମାକାନ୍ତ ପଧାନ,ଏମଡି ସରୋଜ ସାହୁ, କୈଳାସ ମାଝି, ମଞ୍ଜିଲ ପଟେଲ, ସନ୍ଦିପ ନାୟକ, ପ୍ରଦୀପ ଭଇଁଷା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




ଜିଲାସ୍ତରୀୟ ସମବାୟ ମହୋତ୍ସବରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ହାତୀ ଘଉଡ଼ାକୁ ନେଇ ୨ ରେଞ୍ଜ ବନ କର୍ମଚାରୀ ମୁହାଁମୁହିଁ

ଲୋଇସିଂହା,୧୯।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ସୀମାନ୍ତ ତଥା ସୁବର୍ଣ୍ଣପୁର ଜିଲା ମଟିଆପାଲିରେ ହାତୀ ଘଉଡାକୁ ନେଇ ଲୋଇସିଂହା ଓ ସୋନପୁର ରେଞ୍ଜ ବନ କର୍ମଚାରୀ ମୁହାଁମୁହିଁ ହେବା ଆଲୋଚନାର ବିଷୟ ହୋଇଛି। ଖରିଫ ଧାନ ଅମଳ ଆରମ୍ଭ ହୋଇଯାଇଛି। ଗତରାତିରେ ୨ଟିକିଆ ହାତୀ ଲୋଇସିଂହା ରେଞ୍ଜ କେଶାଇପାଲିରେ ଥିଲେ। ହାତୀ ଲୋଇସିଂହା ଓ ସୋନପୁର ରେଞ୍ଜ ସୀମାନ୍ତ ସିଂଜୁରି ଦେଇ ସୋନପୁର ରେଞ୍ଜରେ ପଶିଥିଲେ। ଖବର ପାଇ ଲୋଇସିଂହା ରେଞ୍ଜ ବନ କର୍ମଚାରୀ ସେଠାକୁ ଯାଇ ଲୋଇସିଂହା ରେଞ୍ଜ ସୀମାନ୍ତ ପାର କରିଥିଲେ। ଅପରପକ୍ଷେରେ ପୂର୍ବରୁ ଖବର ପାଇ ସୋନପୁର ବନ କର୍ମଚାରୀ ମଟିଆପାଲି ଅଞ୍ଚଳରେ ଛକି ରହିଥିଲେ। ଏହି ସମୟରେ ଉଭୟ ରେଞ୍ଜର ବନ କର୍ମଚାରୀ ସେଠାରେ ମୁହାଁମୁହିଁ ହୋଇଥିଲେ। ୨ଟିକିଆ ହାତୀ ସୋନପୁର ପଟକୁ ଚାଲି ଯାଇଥିବାରୁ ସେଠାକାର ବନ କର୍ମଚାରୀ ପ୍ରତିବାଦ କରିଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଲାଙ୍ଗୀର, ୧୯।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପ୍ରତାପ ସାଗରପଡା ନିବାସୀ ତଥା ପୃଥୀରାଜ ହାଇସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ହୃଦାନନ୍ଦ ଜେନାଙ୍କ ସହଧର୍ମିଣୀ ସୁପ୍ରଭା ମଞ୍ଜରୀ ଜେନା (୭୦)ଙ୍କ ରବିବାର ପରଲୋକ ଘଟିଛି।



ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଜଣେ ମିଷ୍ଟଭାଷୀ, ମେଳାପୀ ଏବଂ ଧର୍ମପ୍ରାଣା ମହିଳା ଭାବେ ସେ ପରିଚିତ ଥିଲେ। ଦୁଇପୁଅ ଅଧ୍ୟାପକ ବିକାଶ ରଞ୍ଜନ ଜେନା, ପ୍ରଦୋଷ ରଞ୍ଜନ ଜେନା, ଦୁଇ ବୋହୂ ସୁନୀତା, ସସ୍ମିତା, ଦୁଇ ଝିଅ ଅନୁରାଧା, ଅନୁପମା, ଜ୍ୱାଇଁ ସୁଧୀର ପାତ୍ର ଓ ଗୌର ବାରିକ ଅଛନ୍ତି। ସୁପ୍ରଭା ମଞ୍ଜରୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସହରର ବୁଦ୍ଧିଜୀବୀ, ଶିକ୍ଷକ, ଶିକ୍ଷାବିତ୍ ଶେଷଦର୍ଶନ କରିଥିଲେ। ଜ୍ୟେଷ୍ଠପୁତ୍ର ବିକାଶ ରଞ୍ଜନ ମୁଖାଗ୍ନି ଦେଇଥିଲେ।

### ଯୁବୋଦୟର ବାର୍ଷିକ ସଙ୍ଗୀତ କାର୍ଯ୍ୟକ୍ରମ ଯୁବୋଦୟ ବ୍ଲାଷ୍ଟ

ବଲାଙ୍ଗୀର, ୧୯।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟ ପକ୍ଷରୁ ସକ୍ମା ସ୍ଥିତ କ୍ୟାମ୍ପସରେ ବାର୍ଷିକ ସଙ୍ଗୀତ କାର୍ଯ୍ୟକ୍ରମ ଯୁବୋଦୟ ବ୍ଲାଷ୍ଟ ଅନୁଷ୍ଠିତ ହୋଇଥିଲା। ଯୁବୋଦୟ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଜୀବନର ଲକ୍ଷ୍ୟ ସାଧନ ଦିଗରେ ସ୍ୱତନ୍ତ୍ର ଯୁବୋଦୟ ଶିକ୍ଷା ପ୍ରଣାଳୀ କିଭଳି ସବୁ ଅଭିଭାବକଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି ଏବଂ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ସକ୍ଷମ ହୋଇଛି କହିଥିଲେ। ଅଧ୍ୟାପକ ସନ୍ଦୀପ କୁମାର କୁଅଁର ସ୍ୱାଗତ କରିଥିଲେ। ରକ୍ ଷ୍ଟାର ରୁକୁ ସୁନା ଓ ତାଙ୍କ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରମାନେ ଦଳଗତ ଓ ଏକକ ନୃତ୍ୟ ପରିବେଷଣ କରିଥିଲେ। ମାନସ ରଞ୍ଜନ ମହାପାତ୍ର, ଅସିତ ଦାଶ, ତାରିଣୀ ପ୍ରସାଦ ମିଶ୍ର, ପ୍ରଶାନ୍ତ କୁମାର ନାୟକ ଓ ଜଗମୋହନ ପାଢୀ ମଞ୍ଚ ପରିଚାଳନା କରିଥିଲେ।

# 'କୋଶଲୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳୁ'



ତହଁକ୍ କୁଟୁମ୍ ପକ୍ଷରୁ ଆୟୋଜିତ ଭାବର୍ ଭେଟ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାହିତ୍ୟିକ, କବି ଓ ଗଣମାଧ୍ୟମ ପ୍ରତିନିଧି।

**ତହଁକ୍ କୁଟୁମ୍ ପକ୍ଷରୁ ଭାବର୍ ଭେଟ୍ କାର୍ଯ୍ୟକ୍ରମ**

ବଲାଙ୍ଗୀର, ୧୯।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ନିକଟ ପଥରଚେପା ପଞ୍ଚବଟୀ ଉଦ୍ୟାନଠାରେ ରବିବାର ଭାଷା, ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ତହଁକ୍ କୁଟୁମ୍ ପକ୍ଷରୁ ଭାବର୍ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାମ୍ବାଦିକ ଅଖିଳ ଚନ୍ଦ୍ର ହୋତା, ସତ୍ୟସୁନ୍ଦର ଭଞ୍ଜ, ଆନନ୍ଦ ଚନ୍ଦ୍ର ସାହୁ, ରଘୁନନ୍ଦନ ସିଂ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ମିଶ୍ର ଓ ଚାଷୀନେତା ଅରୁଣ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ କୋଶଲୀ ଭାଷାରେ ସାମ୍ବିଧାନିକ ମାନ୍ୟତାରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୋଶଳାଞ୍ଚଳର ଭାଷା, ସାହିତ୍ୟ ଏବଂ ସଂସ୍କୃତିର ଉନ୍ନତି ଦିଗରେ ଗଣମାଧ୍ୟମର ଭୂମିକାକେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚକମାନେ କହିଥିଲେ। ଦିଲୀପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର, ବିଭୁକଲ୍ୟାଣ ଗଡତ୍ୟା, ପ୍ରେସ୍ କ୍ଲବ ସଭାପତି ଅରୁଣ ମିଶ୍ର, ରାଜୀବ ଷଡଙ୍ଗୀ, ଯୁଧିଷ୍ଠିର ମେହେର, ଦେବାଶିଷ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ପ୍ରଶାନ୍ତ କୁମାର ମିଶ୍ର, ଶମ୍ଭୁନାଥ ସାହୁ, ନିବେଶ ପାଣିଗ୍ରାହୀ ଏବଂ ସସ୍ମିତା ସାହୁଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ରାଧାକାନ୍ତ ସାହୁ ଏବଂ ତୃପ୍ତିମୟୀ ତ୍ରିପାଠୀଙ୍କ ସଂଯୋଜନାରେ ଏକ ହାସ୍ୟବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ ଜିଲାରୁ ଅନେକ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ଦେବେନ୍ଦ୍ର ନାଏକ, ଉମେଶ ବିଶ୍ୱାଳ, ଦୟାମୟ ଭୁକ୍ତା, ଭବାନୀ ମିଶ୍ର, ବାବା ରଘୁନାଥ, ଅକ୍ରୁର ବାଗ, ଦୁଃଖିଶ୍ୟାମ ଦୀକ୍ଷିତ, ବୀରେନ ଧରୁଆ ସହଯୋଗ କରିଥିଲେ। କବି ଶ୍ରୀୟାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କୁନି ବୈଜ୍ଞାନିକଙ୍କ ୨୦୦ ପ୍ରକଳ୍ପ ପ୍ରଦର୍ଶିତ



ଆୟୋଜିତ ବିଜ୍ଞାନ ମେଳାରେ ଅତିଥିମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

**ବଲାଙ୍ଗୀର ପବ୍ଲିକ ସ୍କୁଲରେ ଆନ୍ତର୍ବିଦ୍ୟାଳୟ ବିଜ୍ଞାନମେଳା**

ବଲାଙ୍ଗୀର, ୧୯।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପବ୍ଲିକ ସ୍କୁଲ ପରିସରରେ ଆନ୍ତର୍ବିଦ୍ୟାଳୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିବା ସହ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଗୋପାଳକୃଷ୍ଣ ସିଂଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ, ସଭ୍ୟ ଶିରିଶଚନ୍ଦ୍ର ହୋତା, ବାଦଲ ମହାକୁର, ସଞ୍ଜୀବ କୁମାର ସାହୁ ଯୋଗ ଦେଇଥିଲେ। ଏହି ମେଳାରେ ଛାତ୍ରୀଛାତ୍ରଙ୍କ ୨୦୦ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ପ୍ରକଳ୍ପ ସମ୍ପର୍କରେ ଛାତ୍ରୀଛାତ୍ରମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ସୁଧାନିଧି ମିଶ୍ର, ଆନନ୍ଦ ଚନ୍ଦ୍ର ସାହୁ, ଇଲାମୟୀ ପଟ୍ଟନାୟକ, ଅନନ୍ନା ମିଶ୍ର ଓ ଶର୍ମିଷ୍ଠା ହୋତା ବିଚାରକ ଭାବରେ ଯୋଗଦେଇଥିଲେ। ଅତିଥିବମାନଙ୍କ ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା ତଥା ଅଭିଭାବକମାନେ ପ୍ରକଳ୍ପ ଗୁଡିକୁ ବୁଲି ଦେଖିଥିଲେ ଓ କୁନି ବବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ସରିତା ପଟ୍ଟନାୟକ, ଉପାଧ୍ୟକ୍ଷ ସତୀଶ ପ୍ରଧାନଙ୍କ ମାର୍ଗଦର୍ଶନ, ସମସ୍ତ ବିଜ୍ଞାନ ଶିକ୍ଷକ ଶିକ୍ଷିକାଙ୍କ ସୁପରିଚାଳନା ତଥା ଅନ୍ୟ ଶିକ୍ଷକ, କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଇପିଏଫ୍ ପେନସନର୍ସ ଆସୋସିଏଶନର ଦାବିପତ୍ର

ବଲାଙ୍ଗୀର, ୧୯।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ବଲାଙ୍ଗୀର ଶାଖା ପକ୍ଷରୁ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଧାରଣ ଦିଆଯାଇଥିଲା। ଏହାପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କାର୍ଯ୍ୟାଳୟ ନୋଡାଲ ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କାକୁ ବୃଦ୍ଧି, ପେନସନ୍ ସହ ମହଙ୍ଗା ଭତ୍ତା, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ ପ୍ରଦାନ ଓ ମାଗଣାରେ ଚିକିତ୍ସା ସୁବିଧା ପ୍ରଦାନ ତୁରନ୍ତ ଦେବା ପାଇଁ ଦାବି କରାଯାଇଥିଲା। ଏଥିରେ ବଲାଙ୍ଗୀର ସଂଘ ସଭାପତି ବିଶ୍ୱ ପ୍ରକାଶ ମିଶ୍ର, ଉପସଭାପତି ଅଭୟ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ଅମୂଲ୍ୟ ଭୂଷଣ ମିଶ୍ର, ସନ୍ତୋଷ କୁମାର ତ୍ରିପାଠୀ, ମହେଶ୍ୱର ମେହେର ଉପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୋଡାଲ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

# କ୍ୱାକ୍‌ଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁ ଯୁବକ ମୃତ

ମୁରିବାହାଲ, ୧୯।୧୧(ଶ୍ରୀବସ୍ତ ବେହେରା)

କ୍ୱାକ୍‌ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ଭୁଲ ଇଞ୍ଜେକସନ ଦେବା ଯୋଗୁ ରବିବାର ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚନାବାହାଲ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗାଁର ଶିବ ମହାନନ୍ଦ (୪୫)। ସକାଳେ ଶିବ ଘରେ ଏକ ଟାଙ୍ଗିଆରେ କାଠ କାଟୁଥିବା ବେଳେ ତାଙ୍କ ଗୋଡ଼ ହାଣି ହୋଇଯାଇଥିଲା। ରକ୍ତ ବନ୍ଦ ନ ହେବାରୁ ପରିବାର ଲୋକଙ୍କଠାରୁ ଖବର ପାଇ ନିକଟସ୍ଥ ବାଗବାହାଲିର କ୍ୱାକ ପ୍ରମୋଦ ମହାକୁର ଶିବଙ୍କ ଘରକୁ ଆସି ଚିକିତ୍ସା କରିବା ସହ ଏକ ଇଞ୍ଜେକସନ ଦେଇଥିଲେ। ଏହାର କିଛି ସମୟ ପରେ ଶିବ ଅଚେତ ହୋଇ ଯାଇଥିଲେ। ତାଙ୍କୁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଅନି ମହାନନ୍ଦ ଭୁଲ ଇଞ୍ଜେକସନ ପାଇଁ ଶିବଙ୍କର ମୃତ୍ୟୁ ହୋଇଥିବା ନେଇ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ନେଇ ଥାନା ଅଧିକାରୀ ସୁପ୍ରିୟା ସୁରିଆ ଲୋଗୁନଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ଏଏସଆଇ ଜଗଦୀଶ ମହାନନ୍ଦ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରା ଯାଉଥିବା ପୋଲିସ କହିଛି।

# ଜୟଜଗନ୍ନାଥ ଆଞ୍ଚଳିକ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଚୟନ



ବନ୍ଧପଡା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବ୍ରାହ୍ମଣ ସମାଜର କର୍ମକର୍ତ୍ତା।

ଦେଓଗାଁ,୧୯।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା କଲ୍ୟାଣ ମଣ୍ଡପରେ ନିକଟସ୍ଥ ୭ଟି ପଞ୍ଚାୟତର ବ୍ରାହ୍ମଣମାନଙ୍କୁ ନେଇ ଜୟ ଜଗନ୍ନାଥ ଆଞ୍ଚଳିକ ବ୍ରାହ୍ମଣ ସମାଜ ବନ୍ଧପଡା ଗଠନ କରାଯାଇଛି। ଶ୍ୟାମ ସୁନ୍ଦର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ରାହ୍ମଣ ସମାଜର ବିଭିନ୍ନ ସମସ୍ୟ ତଥା ଗଠନମୂଳକ ପଦକ୍ଷେପ ଉପରେ ଉପସ୍ଥିତ ବ୍ରାହ୍ମଣ ମାନେ ମତବ୍ୟକ୍ତ କରିଥିଲେ। ପରେ ୧୧ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ଗୋପାଳ ଚନ୍ଦ୍ର ମିଶ୍ର ସଭାପତି, ଉପସଭାପତିଭାବେ ନୀଳମଣି ପାଣିଗ୍ରାହୀ, ସମ୍ପାଦକ ଗଙ୍ଗାଧର ମିଶ୍ର, ଯୁଗ୍ମସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, କୋଷାଧ୍ୟକ୍ଷ ଭାବେ ଭକ୍ତବନ୍ଧୁ ଷଡଙ୍ଗୀଙ୍କୁ ମନୋନୀତ କରାଯାଇଥିଲା। ସକ୍ରିୟ ସଦସ୍ୟଭାବେ ଅଶୋକ ଶତପଥୀ, ସଞ୍ଜୀବ ପୁରୋହିତ, ତ୍ରିପୁରାରୀ ମିଶ୍ର ଓ ଉପଦେଷ୍ଟାଭାବେ ଶ୍ୟାମସୁନ୍ଦର ଦାଶ, ଗୋପାଳ ଚନ୍ଦ୍ର ରଥ ଓ ଗଦାଧର ମିଶ୍ରଙ୍କୁ ରଖାଯାଇଛି। ଅଚ୍ୟୁତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ୭ଟି ପଞ୍ଚାୟତର ବ୍ରାହ୍ମଣ ମାନେ ଯୋଗଦେଇଥିଲେ।

**ଲୋଇସିଂହା ଷ୍ଟାଡିୟମ ସ୍ୱନକ୍ଷତ୍ର ଫୁଟବଲ**

# ଲୋଇସିଂହା-ବିଏମ୍‌ପୁର ଫାଇନାଲ ମୁକାବିଲା



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

ଲୋଇସିଂହା,୧୯।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ସ୍ୱନକ୍ଷତ୍ର ଉପଲକ୍ଷେ ଚାଲିଥିବା ଲୋଇସିଂହା କପ ଫୁଟବଲ ଟୁର୍ନାମେଣ୍ଟର ରବିବାର ଷଷ୍ଠ ଦିବସରେ ଦ୍ୱିତୀୟ ସେମିଫାଇନାଲ ଖେଳାଯାଇଥିଲା। ରାଉରକେଲା ସ୍ପୋର୍ଟ କ୍ଲବ ଓ ଗେହ୍ଲା ମା' ବୌଦ୍ଧ ମୁହାଁମୁହିଁ ହୋଇଥିଲେ। ଏଥିରେ ଟାଇବ୍ରେକର ୪-୩ ଗୋଲରେ ସିସିଏଫଏ ବିଏମପୁର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ସୋମବାର ଏପିଜେ ଲୋଇସିଂହା ଓ ସିସିଏଫଏ ବିଏମପୁର ମଧ୍ୟରେ ଫାଇନାଲ ମୁକାବିଲା ହେବ। ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

# ଶିଶୁର ଉତ୍ତମ ଚରିତ୍ର ଗଠନ ସମସ୍ତଙ୍କ ଦାୟିତ୍ୱ

**ଧଣ୍ଡାମୁଣ୍ଡା ଶିଶୁ ମନ୍ଦିରରେ ମାତୃପିତୃ ସମ୍ମିଳନୀ**

ଖପ୍ରାଖୋଲ, ୧୯।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ମାତୃପିତୃ ସମ୍ମିଳନୀ ରବିବାର ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସନ୍ୟାସୀ କଡୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ମୁଖ୍ୟବକ୍ତା ବିଦ୍ୱତ ପରିଷଦ ସଭାପତି ଦେବଦତ୍ତ ଭୋଇ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳାକାହ୍ନୁ ସାହୁ, ସମ୍ପାଦକ ଐଶ୍ୱର୍ଯ୍ୟ କୁମାର ଭୋଇ, ପୂର୍ବତନ ସଭାପତି ପବିତ୍ର ପଟେଲ, ସହ ସମ୍ପାଦକ ଗନ୍ଧର୍ବ ପ୍ରଧାନ, କୋଷାଧ୍ୟକ୍ଷ କ୍ଷୀରୋଦ୍ର ପ୍ରଧାନ ଯୋଗଦେଇ ଦେଇଥିଲେ। ବିଦ୍ୟାଳୟରେ ଶିଶୁ ଶିକ୍ଷା ଗ୍ରହଣ କରିଥିବା ବେଳେ ଉତ୍ତମ ଚରିତ୍ର ଗଠନ ପାଇଁ ସମସ୍ତଙ୍କ ଦାୟିତ୍ୱ ବୋଲି ବକ୍ତାମାନେ କହିଥିଲେ। ସେହିପରି ଅଯୋଧ୍ୟାରେ ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ଆଗାମୀ ଜାନୁୟାରୀରେ ହେବାକୁ ଥିବା ବେଳେ ସମସ୍ତ ପରିବାର ୫ଟି ଲେଖାଏ ଦୀପ ନିଜ ଘରେ ଜାଳିବାକୁ କହିଥିଲେ।

# ଜୁନିୟର ରେଡକ୍ରସର ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ବଲାଙ୍ଗୀର, ୧୯।୧୧
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜୁନିୟର ରେଡକ୍ରସ ସୋସାଇଟି ପକ୍ଷରୁ ବଲାଙ୍ଗୀର ସବ୍‌ଡିଭିଜନ ସ୍ତରୀୟ ଜୁନିୟର ରେଡକ୍ରସ କାଉନ୍‌ସେଲରମାନଙ୍କୁ ନେଇ ଏକଦିବସୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ନରେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ଯୋଗଦେଇ କାଉନସେଲରମାନଙ୍କୁ ରେଡକ୍ରସର ମୂଳମନ୍ତ୍ରରେ ଦୀକ୍ଷିତ ହେବା ଏବଂ ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱ ବନ୍ଧୁତାର ବାର୍ତ୍ତା ପ୍ରସାରିତ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ପୂର୍ବତନ ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଜିଲା ଜୁନିୟର ରେଡକ୍ରସ ସଙ୍ଗଠକ ସୁବାସ ଚନ୍ଦ୍ର ପଟେଲ ଯୋଗଦେଇ ପ୍ରାଥମିକ ଚିକିତ୍ସା ଓ ବିପର୍ଯ୍ୟୟ ସମୟରେ ଏହାର ସଦୁପଯୋଗ ସମ୍ପର୍କରେ କହିଥିଲେ। ରାଜ୍ୟ ସାଧନ କର୍ମୀ ବିକାଶ ସାହୁ ତାଙ୍କ ବକ୍ତବ୍ୟରେ ରେଡକ୍ରସର ସେବା କାର୍ଯ୍ୟରେ ଅନୁପ୍ରାଣିତ ହେବା ଏବଂ ପୀଡିତଙ୍କୁ ସେବା ଯୋଗାଇ ମାନବତାର ବାର୍ତ୍ତା ଦେବାରେ ଛାତ୍ରୀଛାତ୍ର, ଯୁବପିଢ଼ି ଏବଂ ଜନସାଧାରଣ ନିଜକୁ ନିୟୋଜିତ କରନ୍ତୁ ବୋଲି କହିଥିଲେ। ପ୍ରଥମ ଅଧିବେଶନରେ ରାଜ୍ୟ ସାଧନ କର୍ମୀ ବିକାଶ ରଞ୍ଜନ ସାହୁ ବିଦ୍ୟାଳୟରେ ଜେଆରସି ୟୁନିଟ ଖୋଲିବା ଓ ରେଡକ୍ରସର ଇତିହାସ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଫାଷ୍ଟ ଏଡ୍ ଟ୍ରେନର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ।

# ହରିଶଙ୍କର ଝରଣାକୂଳ ସଫେଇ କଲେ ସ୍ୱେଚ୍ଛାସେବୀ

ଖପ୍ରାଖୋଲ, ୧୯।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରର ଝରଣା କୂଳ ଓ ମନ୍ଦିର ଚାରିପାଖ ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ମାସ ପଞ୍ଚୁକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼କୁ ଆଖିଆଗରେ ରଖି ମାହେଶ୍ୱରୀ ସଂଗଠନ ଖପ୍ରାଖୋଲ ଶାଖା ତରଫରୁ ଶତାଧିକ ସ୍ୱେଚ୍ଛାସେବୀ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବ୍ଲକ ସଭାପତି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ପାପନାଶିନୀ ଝରଣା, ଝରଣା କୂଳ, ମନ୍ଦିର ପରିସର, ରାସ୍ତାକଡ ଆଦି କୋଡ଼ି କୋଦାଳ, ଝାଡୁ ଧରି ସଫେଇ କରିଥିଲେ।

# ମଲିକମୁଣ୍ଡା, ଭରୁଆମୁଣ୍ଡା ବିଜୟୀ

**ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

ବେଲପଡ଼ା, ୧୯।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଡେବ୍ରିପାଲି ଗ୍ରାମ ଖେଳ ପଡିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ଚତୁର୍ଥ ଦିବସ। ଦିବସରପ୍ରଥମ ଖେଳ ଡେବ୍ରିପାଲି ବନାମ ମଲିକମୁଣ୍ଡା ମଧ୍ୟରେ ହୋଇଥିଲା। ମଲିକମୁଣ୍ଡା ପେନାଲଟି ସୁଟ୍‌ଆଉଟ୍‌ରେ ବିଜୟ ହୋଇଥିଲା। ଦ୍ୱିତୀୟ ଖେଳ ଭରୁଆମୁଣ୍ଡା ଓ ମଣ୍ଡଳ ମଧ୍ୟରେ ହୋଇଥିଲା। ଏଥିରେ ଭରୁଆମୁଣ୍ଡା ୧-୦ ଗୋଲରେ ବିଜୟୀ ହୋଇଥିଲା। ରବିବାର ଖେଳର ମୁଖ୍ୟ ଅତିଥିଭାବେ ଇନକମ ଟ୍ୟାକ୍ସ ଅଧିକାରୀ ରୁପେଶ୍ୱର ବିଶ, ସମ୍ମାନୀତ ଅତିଥି ଭାବେ ଯୁବଲାଲ ମେହେର, ଦିଲ୍ଲୀପ ନାଗ, ହାଡିବନ୍ଧୁ ବାରଲେବଡିଆ, ଉପାଶ ଚନ୍ଦ୍ର ବାଗ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଅଶିନୀ ଭୁକ୍ତା, ପ୍ରତାପ ଭୁକ୍ତା, ଆଶୀର୍ବାଦ ସା ପରିଚାଳନା କରିଥିଲେ।



ମଣ୍ଡଳ ଓ ଭରୁଆମୁଣ୍ଡା ଦଳର ଖେଳାଳିଙ୍କ ଗହଣରେ ଅତିଥିମାନେ।

# ଆଦିବାସୀ କଲ୍ୟାଣ ସଂଘର ନୂଆଁଖାଇ ଭେଟ୍‌ଘାଟ

କଣ୍ଟାବାଞ୍ଜି, ୧୯।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ତୋଲମାନ୍ଦଲ ପଞ୍ଚାୟତ ବରିୟାଲି ଗ୍ରାମରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ତୁରେକେଲା ବ୍ଲକ ସଭାପତି ଚୌବନ କିଶୋର ମାଝିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଶ୍ୟାମସୁନ୍ଦର ଭୋଇ,ନୂଆପଡା ଜିଲା ସଭାପତି ଭାନୁପ୍ରତାପ ସିଂ ମାଝି, ସମ୍ପାଦକ ବାଳକୃଷ୍ଣ ଶବର, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ମନୋରନ ଭୋଇ, ବେଲପଡା ବ୍ଲକ ସଭାପତି ରଶିକ ଧରୁଆ, ମୁରିବାହାଲ ବ୍ଲକ ସଭାପତି ରାଜୀବ କୁଅଁର, ତୁରେକେଲା ବ୍ଲକ ଚାଉଳସୁଖା ସମିତି ସଭ୍ୟ ଗିରିରାଜ ସିଂ ମାଝି, ଖରିଆର ବ୍ଲକ ସଭାପତି କାର୍ତ୍ତିକ ମଲ୍ଲିକ ମଞ୍ଚାସୀନ ଥିଲେ। ନରୋତ୍ତମ ମାଝି ମଞ୍ଚ ପରିଚାଳନା କରିଥିଲେ। ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଥିବା ଲୁକ୍କାୟିତ କଳା ପ୍ରତିଭାର ଉନ୍ମେଷଣ ସାଙ୍ଗକୁ ସଂସ୍କୃତି ଓ ପରମ୍ପରା ଲୋକଲୋଚନକୁ ଆଣିବା ଦିଗରେ ଭେଟ୍‌ଘାଟର ମୂଳ ଉଦ୍ଦେଶ୍ୟ ବୋଲି ରାଜ୍ୟ ସଭା ସଦସ୍ୟ ବିଶି କହିଥିଲେ। ସେ ଆହୁରି କହିଥିଲେ ଯେ, ଅଣଆଦିବାସୀଙ୍କ ଦଖଲରେ ଥିବା ଆଦିବାସୀଙ୍କ ଜମିକୁ ଫେରାଇବା ଓ ଆଦିବାସୀଙ୍କ ନାମରେ ବେଆଇନ ଜମି କାରବାର ରୋକିବା ଦିଗରେ ଦ୍ରୁତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ନକଲି ପ୍ରମାଣପତ୍ର ଦେଇ ବିଭିନ୍ନ ସରକାରୀ ଅଫିସ ଓ ଜନ ପ୍ରତିନିଧିଭାବେ ନିର୍ବାଚିତ ରାଜନେତାଙ୍କୁ ଚିହ୍ନଟ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଭେଟ୍‌ଘାଟରେ ମଞ୍ଚାସୀନ ସଂଘର ଅନ୍ୟ ନେତାମାନେ କହିଥିଲେ। ଆଦିବାସୀଙ୍କୁ ଶିକ୍ଷା ସ୍ୱାସ୍ଥ୍ୟ ପରି ମୌଳିକ ସୁବିଧା କିଭଳି ଉପଲବ୍ଧ କରାଯାଇ ପାରିବ ତାହା ଉପରେ ପ୍ରଶାସନ ଅଧିକ ତତ୍ପର ହେବାକୁ ମତପ୍ରକାଶ ପାଇଥିଲା।




ଗ୍ରାମ ପରିକ୍ରମା କରି ଭେଟ୍‌ଘାଟ ସ୍ଥଳକୁ ଆଦିବାସୀମାନେ ଯାଉଛନ୍ତି।

## ସଂକ୍ଷେପରେ

### ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ

ପଦ୍ମପୁର,୧୯।୧୧ (ପ୍ରଦୀପ୍ତ ଦାଶ): ପଦ୍ମପୁର ସ୍ଥିତ ରାଜାଜୀ ଟାଉନ ହଲରେ ଚେତନା ପରିଷଦ ଆନୁକୂଲ୍ୟରେ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଚେତନା ପରିଷଦ ଅଧ୍ୟକ୍ଷ ହରିଶଙ୍କର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଦ୍ମପୁର ମହିଳା କଲେଜର ଇଂରାଜୀ ଅଧ୍ୟାପିକା ଲୋପାମୁଦ୍ରା ନାୟକ ମୁଖ୍ୟ ଅତିଥି, ଆଇନଜୀବୀ ପ୍ରଶାନ୍ତ ମାଝୀ ମୁଖ୍ୟ ବକ୍ତା ଓ ଦଧିବାମନ କଲେଜର ଓଡିଆ ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସେବା କାର୍ଯ୍ୟ ପାଇଁ ମାରୱାଡି ଯୁବାମଞ୍ଚ ଓ କୁଞ୍ଜ ବିହାରୀ ପଧାନଙ୍କୁ ସମ୍ମାନୀତ କରାଯାଇଥିଲା। ସଦସ୍ୟ ମନୋଜ ମହାନ୍ତି, ଅଶୋକ ମିଶ୍ର, ସପନ କୁମାର ମହାନ୍ତି, ସନ୍ତୋଷ କୁମାର ବୈକାର, ସୁଧାଂଶୁ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ୮୦ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

ପଦ୍ମପୁର,୧୯।୧୧ (ପ୍ରଦୀପ୍ତ ଦାଶ): ମହର୍ଷି ଦୟାନନ୍ଦଙ୍କ ଅନୁଗାମୀ ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀଙ୍କ ୮୦ତମ ଜୟନ୍ତୀ ଅବସରରେ ଶ୍ରୀ ସିଦ୍ଧଗୁରୁ ସାଧନାଶ୍ରମ ବାବୁପାଲି ଅନ୍ତର୍ଗତ ଖାଙ୍କରପାଲି ବରପଦରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୮୦ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ହୋଇଥିଲା। ସେହିପରି ଭଜନ, ପ୍ରବଚନ ନବ ପ୍ରଭାତ ଆଶ୍ରମର ବ୍ରହ୍ମଚାରୀଙ୍କ ବ୍ୟାୟାମ ପ୍ରଦର୍ଶନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା।

### ବରପାଲିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବରପାଲି,୧୯।୧୧(ଚିତ୍ତରଞ୍ଜନ ସାହୁ): ବରପାଲି ଶୀତଳ ଷଷ୍ଠୀ ଯାତ୍ରା କମିଟି ଓ ମୁରଲୀକ୍ରିଷ୍ଣା ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ନୃପରାଜ କ୍ଲବ ପରିସରରେ ଅନୁଷ୍ଠିତ ଶିବିରରେ ବରଗଡ଼ ବିକାଶ ମଲ୍ଟିସ୍ପେଶାଲିଟି ହସ୍ପିଟାଲର ଭେଷଜ, ଅସ୍ଥିଶଲ୍ୟ, ଦନ୍ତ, ନାସା, କର୍ଣ୍ଣ, ଗଳା, ଛାତି ଓ ଫୁସ୍‌ଫୁସ୍ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀ ପରୀକ୍ଷା କରିଥିଲେ। ଯାତ୍ରା କମିଟି ସଭାପତି ଆନନ୍ଦ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ମୁରଲୀ କ୍ରିଷ୍ଣା ଫାଉଣ୍ଡେଶନର ମୁଖ୍ୟ ଡି. ମୁରଲୀ କ୍ରିଷ୍ଣା, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ତହସିଲଦାର ରକ୍ମଣ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯାତ୍ରା କମିଟି ସମ୍ପାଦକ ଜୟନ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳର ବହୁ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

### ସମବାୟବିତ୍ ଦିବ୍ୟକିଶୋରଙ୍କ ପରଲୋକ

ସରଣ୍ଡା,୧୯।୧୧(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ଅଞ୍ଚଳର ବିଶିଷ୍ଟ ସମବାୟବିତ୍ ତଥା ସମାଜସେବୀ ଦିବ୍ୟକିଶୋର ଭୋଇଙ୍କ ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ବୁର୍ଲା ସ୍ଥିତ ଭିମସାର୍‌ରେ ଚିକିତ୍ସାଧୀନ ଦେହାନ୍ତ ହୋଇଛି।



ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ଅତାବିରା ବ୍ଲକ ଗୋଡଭଗା ପଞ୍ଚାୟତ ଅନ୍ତର୍ଗତ ଭୋଇଟିକ୍ରା ଗ୍ରାମ ତଥା ଚକୁଳି ଫାର୍ମ ନିବାସୀ ସ୍ୱର୍ଗତ ଭୋଇ ଅବିଭକ୍ତ ସମ୍ବଲପୁର ଜିଲାରେ ଜଣେ ସମବାୟବିତ୍ ଭାବେ ଜଣାଶୁଣା ଥିଲେ। ସମବାୟ ଆନ୍ଦୋଳନକୁ ସକ୍ରିୟ ଭାବେ ଗଢି ତୋଳି ଚାଷୀଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦେବାକୁ ସେ ସଂଗ୍ରାମ କରିଆସୁଥିଲେ। ପରବର୍ତ୍ତୀ ସମୟରେ ସେ ଲହଣ୍ଡା ସେବା ସମବାୟ ସମିତି ଓ ଅତାବିରା ଆର୍‌ସିଏମ୍‌ଏସ୍‌ର ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱର୍ଗତ ଭୋଇ ଗୋଡଭଗା ସାରସ୍ୱତ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଥିଲେ। ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ଉନ୍ନତି ପାଇଁ ସେ ଉଦ୍ୟମ କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତାଙ୍କ ପୁଅ ସୁଦୀପ ମୁଖାଗ୍ନି ଦେଇଥିଲେ।

# କୃଷିକ୍ଷେତ୍ରରେ ଘରୋଇକରଣ ନେଇ ଉଦ୍‌ବେଗ

ବରଗଡ଼,୧୯।୧୧(ପ୍ରେମାନନ୍ଦ ଖମାରୀ)





ଚାଷୀ ନେତା ଲିଙ୍ଗରାଜ ଉଦ୍‌ବୋଧନ ଦେଉଛନ୍ତି।

ଜୟ କିଷାନ ଆନ୍ଦୋଳନ ତରଫରୁ ଗତ କିଛି ମାସ ହେଲା ବରଗଡ଼ ଜିଲାର ବିଭିନ୍ନ ଗ୍ରାମରେ ଚାଷୀ, ସାଧାରଣ ଲୋକମାନଙ୍କ ଅଧିକାର, ରାଜନୈତିକ ତଥା ଆନ୍ଦୋଳନ ଚେତନା ବଢାଇବା ପାଇଁ କ୍ରମାଗତ ଭାବେ ସଭା ସମିତିର ଆୟୋଜନ କରାଯାଉଛି। ଏହି କ୍ରମରେ ବରଗଡ ବ୍ଲକ ଅନ୍ତର୍ଗତ ଗାଇସୀମାଠାରେ ବ୍ଲକ ସଭାପତି ସରୋଜ ପ୍ରଧାନଙ୍କ ସଭାପତିତ୍ୱରେ ରବିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଆଖପାଖ ଅଞ୍ଚଳର ବହୁ ଗ୍ରାମର ଚାଷୀ ଯୋଗ ଦେଇଥିଲେ। ବୈଠକରେ ଧାନ ବିକ୍ରି ସମସ୍ୟା, ବିଜୁଳି କ୍ଷେତ୍ରରେ ଘରୋଇକରଣ, ରଣଛାଡ, ବୋନସ୍, ଫସଲ ବୀମା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସଭାରେ ବରିଷ୍ଠ ଚାଷୀ ନେତା, ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ତଥା ଜୟ କିଷାନ ଆନ୍ଦୋଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଲିଙ୍ଗରାଜ ଯୋଗଦେଇ କହିଥିଲେ, ଆଗାମୀ ଦିନରେ ଯେଉଁଭଳି ପରିସ୍ଥିତି ଚାଷ କ୍ଷେତ୍ରରେ ହେବାକୁ ଯାଉଛି ସେହି ଆଭାସ ମିଳିସାରିଲାଣି। ଏଥିପାଇଁ ସଭା ସମିତି ଆୟୋଜନ କରାଯାଉଛି। ଚାଷୀମାନଙ୍କ ରକ୍ଷା କବଚ କୁହାଯାଉଥିବା ଫସଲବୀମା କ୍ଷେତ୍ରକୁ କମ୍ପାନୀମାନଙ୍କୁ ଦେଇଦେବା ପରଠାରୁ ଫସଲକ୍ଷତି ହେଲେ ସୁଦ୍ଧା ସମ୍ପୃକ୍ତ ଘରୋଇ କମ୍ପାନୀମାନେ କାହାରି କଥା ଶୁଣୁନାହାନ୍ତି। ବିଜୁଳି କ୍ଷେତ୍ରକୁ ଟାଟା ପାୱାରକୁ ଦେଇଦେବା ପରେ ସମ ଅବସ୍ଥା ହୋଇଛି। ଚାଷବାସ ବୀମା ବ୍ୟାଙ୍କ ଆଦି କ୍ଷେତ୍ରକୁ ସରକାର ଦେଶୀ ବିଦେଶୀ କମ୍ପାନୀମାନଙ୍କୁ ଟେକି ଦେଉଛନ୍ତି। କମ୍ପାନୀମାନଙ୍କୁ ବିଭିନ୍ନ ଆଳରେ ସରକାର ହଜାର କୋଟି ଟଙ୍କା ରଣଛାଡ କରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଲାଗୁ ହେବା ପରଠାରୁ ଗତ ଛଅ ବର୍ଷ ମଧ୍ୟରେ କମ୍ପାନୀମାନେ ୬୦ ହଜାର କୋଟି ଟଙ୍କା ଲାଭ କରିଛନ୍ତି। କିନ୍ତୁ ଫସଲ ନଷ୍ଟ ହେବା ପରେ ମଧ୍ୟ କମ୍ପାନୀ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରୁନାହାନ୍ତି ଏବଂ ତାଙ୍କ ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ମଧ୍ୟ ରହୁନାହିଁ। ସରକାର ନିଜ ଦାୟିତ୍ୱରୁ ପଳାୟନ କରି ବିଭିନ୍ନ କ୍ଷେତ୍ରକୁ କମ୍ପାନୀଙ୍କୁ ଦେଇ ଦେଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟକୁ ମଧ୍ୟ ବଜାରର ବସ୍ତୁ କରିଦିଆଯାଇଛି। ଏପରି ପରିସ୍ଥିତିରେ ଚାଷୀମାନଙ୍କୁ ଜାଗତିଆର ହେବା ପାଇଁ ଲିଙ୍ଗରାଜ ଆହ୍ୱାନ ଦେଇଥିଲେ। ଏହି ସଭାରେ ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବରିଷ୍ଠ ଚାଷୀ ନେତା ଚଞ୍ଚଳ ପ୍ରଧାନ, ଭଞ୍ଜନ ବାରିକ, ଆଡ୍‌ଭୋକେଟ ରମେଶ ପତି ଏବଂ ସୀତାରାମ ମେହେର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଟାଭାଟିରେ ୧୯ ଶ୍ରମିକ ବନ୍ଧକ, ଉଦ୍ଧାର ପାଇଁ ଗୁହାରି

ପଦ୍ମପୁର,୧୯।୧୧(ପ୍ରଦୀପ୍ତ ଦାଶ)

ବରଗଡ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଗଉଡମାଲ ଗ୍ରାମର ୧୯ଜଣ ଶ୍ରମିକ ତେଲଙ୍ଗାନା ଇଟାଭାଟିରେ ବନ୍ଧକ ଅଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଶ୍ରମିକଙ୍କ ପରିବାର ଲୋକେ ସରକାରଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁସାରେ, ଗଉଡମାଲ ଗ୍ରାମର ଉଷା ବେହେରାଙ୍କ ସମେତ ୧୯ ଜଣ ଶ୍ରମିକ ପେଟପାଟଣା ପାଇଁ ତେଲଙ୍ଗାନା ରାଜ୍ୟର ବାଉଁଶବାଡା ଜିଲାର ଏକ ଇଟାଭାଟିରେ ୨ମାସ ହେଲା ମଜୁରୀ କାମ କରୁଛନ୍ତି। ସେମାନଙ୍କ ମଧ୍ୟରେ ୩ଜଣ ଛୋଟ ପିଲା ଏବଂ ମହିଳା ମଧ୍ୟ ରହିଛନ୍ତି। ତେବେ ଇଟାଭାଟି ମାଲିକ ଶ୍ରମିକମାନଙ୍କୁ ମଜୁରୀ ଦେବା ପରିବର୍ତ୍ତେ ମାଡ୍‌ପିଟ୍ କରୁଥିବା ଅଭିଯୋଗ ହୋଇଛି। ସେମାନେ ଗାଁକୁ ଫେରିବାକୁ ଚାହିଁଥିବା ବେଳେ ମାଲିକ ଜୋରଜବରଦସ୍ତ ସେମାନଙ୍କୁ ବନ୍ଧକ ରଖି କାମ କରାଉଥିବା ଉଷା ବେହେରାଙ୍କ ସ୍ୱାମୀ ତାରାଚନ୍ଦ ବେହେରା ଅଭିଯୋଗ କରିଛନ୍ତି। ଏହି ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ତାରାଚାନ୍ଦ ୫-ଟି ଅଧ୍ୟକ୍ଷଙ୍କୁ ଗୁହାରି କରିଛନ୍ତି।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ମୁଖ୍ୟ ଅତିଥି ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରୁଛନ୍ତି।

ପଦ୍ମପୁର,୧୯।୧୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ କ୍ରୀଡ଼ା ସମାରୋହ ସ୍ଥାନୀୟ ଆର୍.ବି. ହାଇସ୍କୁଲ ପଡ଼ିଆରେ ରବିବାର ଉଦ୍‌ଘାଟିତ ହୋଇଛି। ଉପଖଣ୍ଡ ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଶାଲ ସ୍ଥାପନ କରି କ୍ରୀଡ଼ା ସମାରୋହକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାପତି ପୃଥ୍ୱୀରାଜ ସାହୁ, ସଙ୍କୁଳ ପ୍ରମୁଖ ଦ୍ୱାଦଶ କୁମାର ପଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଜନକଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁ ବାଟିକା ବିଭାଗର ଖେଳ, ମା'ମାନଙ୍କ ବାଟି ଚାମଚ ଦୌଡ଼, ଅଭିଭାବକମାନଙ୍କ ୧୦୦ ମିଟର ଦୌଡ ସହିତ ବିଭିନ୍ନ ଖେଳ ହୋଇଥିଲା। ସହ ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶାରୀରିକ ପ୍ରମୁଖ ପ୍ରଦୀପ ରାଜହଂସ ସୂଚନା ପ୍ରଦାନ କରିଥିଲେ।

# ତୃଣମୂଳ ସ୍ତରରୁ ସଙ୍ଗଠନ ସୁଦୃଢ଼ ପାଇଁ ଆହ୍ୱାନ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ବରଗଡ଼,୧୯।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଚାଲିଥିବା ତିନିଦିନିଆ ବିଜେଡି ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ପୌର ପରିଷଦର ସମସ୍ତ ୱାର୍ଡର ସକ୍ରିୟ ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ। ଶେଷ ଦିବସରେ ବିଧାୟକ ଆଚାର୍ଯ୍ୟ ଦଳୀୟ ସଭ୍ୟାସଭ୍ୟଙ୍କୁ ସମ୍ବୋଧନ କରି ତୃଣମୂଳ ସ୍ତରରୁ ସଙ୍ଗଠନକୁ ସୁଦୃଢ଼ ପାଇଁ ସଂକଳ୍ପ ନେବାକୁ ଉପସ୍ଥିତ ଦଳୀୟ ସଦସ୍ୟଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବରଗଡ଼ ବ୍ଲକ ଗୋବିନ୍ଦପୁର ଚକରକେନ୍ଦ, ଏସ୍. ଡୁମ୍ବେରପାଲି, ବିରମାଲ, ନିଲେଶ୍ୱର, ସରସରା, ଖୁଣ୍ଟପାଲି, ବରଗାଁ, ଶକଟାପାଲି, ପଥର୍ଲା, ଗୁଡେଶିରା, ଦେଓଗାଁ, ବରଡୋଲ ପଞ୍ଚାୟତର ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବରପାଲି ବ୍ଲକ ଲେଣ୍ଡା, କନବାର, ବାଗବଡି କୁସନପୁରୀ, ମହୁଲପାଲି, କଣ୍ଟାପାଲି ବରମକେଲାର ସଦସ୍ୟ ପ୍ରଶିକ୍ଷଣ ନେଇଥିଲେ । ଏହି ଅବସରରେ ବରଗଡ଼ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଧାୟକ ସୁଧୀର ସାମଲ, ଜିଲା ବିଜେଡି ସଭାପତି ଡ. ପ୍ରଭାସ ସିଂ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ଗୋବିନ୍ଦ ସାହୁ, ପ୍ରଭାସିନୀ ପ୍ରଧାନ, ବରିଷ୍ଠ ନେତା ଗୌରହରି ମିଶ୍ର, ରବୀନ୍ଦ୍ର ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, କାଉନସିଲର ଉମା ଚରଣ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶିକ୍ଷକ ଭାବେ ବରିଷ୍ଠ ସଙ୍ଗଠକ ସଞ୍ଜୟ ବାବୁ ଓ ତାପସ ତ୍ରିପାଠୀ ପ୍ରଶିକ୍ଷଣ ଦେଇଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଘଣ୍ଟାପଡ଼ା,୧୯।୧୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରମ୍ଭ କଣ୍ଟାମାଳ ଏବଂ ସମ୍ବଲପୁରର ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟଅତିଥି ଓ ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ସାହୁ, ଦିବ୍ୟ ଶଙ୍କର ରାଉତ, ସରକାରୀ ଓକିଲ ସୁରେଶ ଚନ୍ଦ୍ର ରଣା, ଆଇନଜୀବୀ ଶେଷଦେବ ବଗର୍ତ୍ତୀ, ଭାଜପା କଣ୍ଟାମାଳ ମଣ୍ଡଳ ସଭାପତି ଅନିଲ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ପ୍ରଦୂଷଣ ଯୋଗୁ ଚକ୍ଷୁ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ଏଣୁ ଚକ୍ଷୁର ଯତ୍ନ ଓ ଚିକିତ୍ସା ପାଇଁ ସ୍ଥାନୀୟ ଅଞ୍ଚଳରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଦୂର ଲାଗି ଆରମ୍ଭ ଅନୁଷ୍ଠାନର ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଶିବିରରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ଚକ୍ଷୁ ବିଶେଷଜ୍ଞ ଓ ଟେକନିସିଆନ ଟିମ୍ ଦ୍ୱାରା ପଞ୍ଜୀକୃତ ୧୮୧ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। କେତେଜଣ ଚକ୍ଷୁରୋଗୀଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ ୭୨ଜଣଙ୍କୁ ମାଗଣାରେ ଅଧିକ ଚିକିତ୍ସା ପାଇଁ ସମ୍ବଲପୁର ନେତ୍ରାଳୟକୁ ପଠାଯାଇଥିଲା। ଆରମ୍ଭ ଅନୁଷ୍ଠାନର ମୁଖ୍ୟ ଯଦୁହାରୀ ବାଘ ଓ ଉମେଶ ରଣା ଶିବିର ପରିଚାଳନା କରିଥିଲେ। ଅନୁଷ୍ଠାନର ଅଜୟ ମହାପାତ୍ର, ସାନନ୍ଦ ମହାକୁଡ଼, ପ୍ରଦୀପ ମହାକୁଡ଼, ରାମଚନ୍ଦ୍ର ତାଣ୍ଡି,ସୁରେଶ ବଘାର, ପ୍ରଶାନ୍ତ ମଟାଲି, ଶାନ୍ତନୁ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

# କୁନି ବୈଜ୍ଞାନିକଙ୍କ ୨୦୦ ପ୍ରକଳ୍ପ ପ୍ରଦର୍ଶିତ



ଆୟୋଜିତ ବିଜ୍ଞାନ ମେଳାରେ ଅତିଥିମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

ବଲାଙ୍ଗୀର, ୧୯।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

## ବଲାଙ୍ଗୀର ପବ୍ଲିକ ସ୍କୁଲରେ ଆନ୍ତଃବିଦ୍ୟାଳୟ ବିଜ୍ଞାନମେଳା

ବଲାଙ୍ଗୀର ପବ୍ଲିକ ସ୍କୁଲ ପରିସରରେ ଆନ୍ତର୍ବିଦ୍ୟାଳୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିବା ସହ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଗୋପାଳକୃଷ୍ଣ ସିଂଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ, ସଭ୍ୟ ଶିରିଶଚନ୍ଦ୍ର ହୋତା, ବାଦଲ ମହାକୁର, ସଞ୍ଜୀବ କୁମାର ସାହୁ ଯୋଗ ଦେଇଥିଲେ। ଏହି ମେଳାରେ ଛାତ୍ରୀଛାତ୍ରଙ୍କ ୨୦୦ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ପ୍ରକଳ୍ପ ସମ୍ପର୍କରେ ଛାତ୍ରୀଛାତ୍ରମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ସୁଧାନିଧି ମିଶ୍ର, ଆନନ୍ଦ ଚନ୍ଦ୍ର ସାହୁ, ଇଲାମୟୀ ପଟ୍ଟନାୟକ, ଅନନ୍ୟା ମିଶ୍ର ଓ ଶର୍ମିଷ୍ଠା ହୋତା ବିଚାରକ ଭାବରେ ଯୋଗଦେଇଥିଲେ। ଅତିଥିମାନଙ୍କ ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା ତଥା ଅଭିଭାବକମାନେ ପ୍ରକଳ୍ପ ଗୁଡିକୁ ବୁଲି ଦେଖିଥିଲେ ଓ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ସରିତା ପଟ୍ଟନାୟକ, ଉପାଧ୍ୟକ୍ଷ ସତୀଶ ପ୍ରଧାନଙ୍କ ମାର୍ଗଦର୍ଶନ, ସମସ୍ତ ବିଜ୍ଞାନ ଶିକ୍ଷକ ଶିକ୍ଷିକାଙ୍କ ସୁପରିଚାଳନା ତଥା ଅନ୍ୟ ଶିକ୍ଷକ, କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ

ବରପାଲି,୧୯।୧୧(ଚିତ୍ତରଞ୍ଜନ ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଶିବିର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ଯୁବ ରେଡ୍‌କ୍ରସ୍ ସଂଯୋଜକ ପରମାନନ୍ଦ ରଥଙ୍କ ପରିଚାଳନା ସଭାରେ ପୂର୍ବତନ ଏମ୍‌ପି ପ୍ରଭାସ ସିଂ ମୁଖ୍ୟ ଅତିଥି, କଲେଜ ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହୀର, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ବରପାଲି ତହସିଲଦାର ରକ୍ମଣ ମେହେର, ଜିଲା ରେଡ୍‌କ୍ରସ୍ ଆବାହକ ମାନଭଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଥମରୁ ଛାତ୍ରୀ ଇତି, ଦୀପ୍ତି, ଅନ୍ୱେଷା, ରାକ୍ଷୀ, ଜୟଶ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିବିରରେ ୫୬ଟି ମହାବିଦ୍ୟାଳୟର କାଉନସିଲର, ଅଧ୍ୟାପିକା, ଅଧ୍ୟାପକ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ତୃତୀୟ ଦିନର ସପ୍ତମ ଅଧିବେଶନରେ ଅଗ୍ନି ନିର୍ବାପକ ଉପରେ ବରପାଲି ଅଗ୍ନିଶମ ବିଭାଗ ତାଲିମ ପ୍ରଦାନ କରିଥିଲା। ଡ. ସୁବାସ ଚନ୍ଦ୍ର ଦାସ ପ୍ରାଥମିକ ସହାୟତା ଉପରେ ତାଲିମ ଦେଇଥିଲେ। ପରେ ଏକ ବିରାଟ ଶୋଭାଯାତ୍ରା ହୋଇଥିଲା। ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ୱାକ୍‌ଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁ ଯୁବକ ମୃତ

ମୁରିବାହାଲ, ୧୯।୧୧(ଶ୍ରୀବତ୍ସ ବେହେରା)

କ୍ୱାକ୍‌ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ଭୁଲ ଇଞ୍ଜେକସନ ଦେବା ଯୋଗୁ ରବିବାର ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚନାବାହାଲ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗାଁର ଶିବ ମହାନନ୍ଦ (୪୫)। ସକାଳେ ଶିବ ଘରେ ଏକ ଟାଙ୍ଗିଆରେ କାଠ କାଟୁଥିବା ବେଳେ ତାଙ୍କ ଗୋଡ଼ ହାଣି ହୋଇଯାଇଥିଲା।

# ଉନ୍ନୟନ କାର୍ଯ୍ୟର ତଦାରଖ କଲେ

ପାଇକମାଲ,୧୯।୧୧(ବଡ ଶତପଥୀ)

## ନୃସିଂହନାଥରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର

ବରଗଡ ଜିଲା ପାଇକମାଳର ନୃସିଂହନାଥ ମନ୍ଦିରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ରବିବାର ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ ତଦାରଖ କରିଛନ୍ତି। ମନ୍ଦିର ନିକଟରେ ଥିବା ଭଣ୍ଡାର ଘର ଭାଙ୍ଗିବା ନେଇ ଅନେକ କଳ୍ପନାଜଳ୍ପନା ଚାଲିଥିବାବେଳେ କମିଶନର ଦଳେଇ ମନ୍ଦିର କର୍ମଚାରୀମାନଙ୍କୁ ଏ ନେଇ ପଚାରି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ନୃସିଂହନାଥ ମନ୍ଦିରରେ ଚାଲିଥିବା ସମସ୍ତ ଉନ୍ନୟନ କାମ ସମ୍ପୂର୍ଣ୍ଣ ହେବ ବୋଲି ଦଳେଇ କହିଥିଲେ । ଏହି ସମୟରେ ପିଡବ୍ଲ୍ୟୁଡି ଅଧୀକ୍ଷଣ ଯନ୍ତ୍ରୀ ଆଲୋକ ନାୟକ, ବିଡ଼ିଓ ପ୍ରଫୁଲ୍ଲ କୁମାର ଉତ୍ତୁ, ତହସିଲଦାର ସିନ୍ଧୁସୁତା ପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ମନ୍ଦିର ବୈଶାଖ ମେଳା କମିଟି ସଭ୍ୟ ବଡ ଶତପଥୀ, ସୁରଥ ସାହୁ, ଧୀରେନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ‘କୋଶଳୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳୁ’

ବଲାଙ୍ଗୀର, ୧୯।୧୧ (ବୀରେନ୍ଦ୍ର କୁମାର ଝାଙ୍କର)



ତହଁକ୍ କୁଟୁମ୍ ପକ୍ଷରୁ ଆୟୋଜିତ ଭାବର୍ ଭେଟ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାହିତ୍ୟିକ, କବି ଓ ଗଣମାଧ୍ୟମ ପ୍ରତିନିଧି।

ବଲାଙ୍ଗୀର ସହର ନିକଟ ପଥରଚେପା ପଞ୍ଚବଟୀ ଉଦ୍ୟାନଠାରେ ରବିବାର ଭାଷା, ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ତହଁକ୍ କୁଟୁମ୍ ପକ୍ଷରୁ ଭାବର୍ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାମ୍ବାଦିକ ଅଖିଳ ଚନ୍ଦ୍ର ହୋତା, ସତ୍ୟସୁନ୍ଦର ଭଞ୍ଜ, ଆନନ୍ଦ ଚନ୍ଦ୍ର ସାହୁ, ରଘୁନନ୍ଦନ ସିଂ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ମିଶ୍ର ଓ ଚାଷୀନେତା ଅରୁଣ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ କୋଶଳୀ ଭାଷାରେ ସାମ୍ବିଧାନିକ ମାନ୍ୟତାରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୋଶଳାଞ୍ଚଳର ଭାଷା, ସାହିତ୍ୟ ଏବଂ ସଂସ୍କୃତିର ଉନ୍ନତି ଦିଗରେ ଗଣମାଧ୍ୟମର ଭୂମିକାକେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚକମାନେ କହିଥିଲେ। ଦିଲୀପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର, ବିଭୁକଲ୍ୟାଣ ଗଡତ୍ୟା, ପ୍ରେସ୍ କ୍ଲବ ସଭାପତି ଅରୁଣ ମିଶ୍ର, ରାଜୀବ ଷଡଙ୍ଗୀ, ଯୁଧିଷ୍ଠିର ମେହେର, ଦେବାଶିଷ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ପ୍ରଶାନ୍ତ କୁମାର ମିଶ୍ର, ଶମ୍ଭୁନାଥ ସାହୁ, ନିବେଶ ପାଣିଗ୍ରାହୀ ଏବଂ ସସ୍ମିତା ସାହୁଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ରାଧାକାନ୍ତ ସାହୁ ଏବଂ ତୃପ୍ତିମୟୀ ତ୍ରିପାଠୀଙ୍କ ସଂଯୋଜନାରେ ଏକ ହାସ୍ୟବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ ଜିଲାରୁ ଅନେକ କବି ସ୍ୱରଚିତ କବିତା ପାଠ କରିଥିଲେ।


ଛଟ୍ ପର୍ବ ଉପଲକ୍ଷେ ରାଉରକେଲା କୋଏଲ ନଦୀର ଝିରପାଣି ଆଦିତ୍ୟ ଘାଟରେ ରବିବାର ଅପରାହ୍ନରେ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଥମ ଅର୍ଘ୍ୟ ଅର୍ପଣ କରୁଛନ୍ତି।

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

**ରାଉରକେଲା, ୧୯।୧୧ (ସଙ୍ଗୀତା ଜେନା):** ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିର ପକ୍ଷରୁ ଶନିବାର ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ ହୋଇଛି। ଏହି ଅବସରରେ ସେକ୍ଟର-୨୦ ବୈକୁଣ୍ଠ ଘାଟରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ଅଧିବାସ ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା ସହ ଅପରାହ୍ନରେ ଯଜ୍ଞ ଆହୂତି ସମ୍ପନ୍ନ ହୋଇଥିଲା। ମୁଖ୍ୟ ଆୟୋଜକ କାର୍ତ୍ତିକ ରାଉତଙ୍କ ତତ୍ତ୍ୱାବଧାନରେ ସୁକାନ୍ତ ନାୟକ ଓ ଗାୟତ୍ରୀ ନାୟକ କର୍ତ୍ତା ଏବଂ ମୁଖ୍ୟ ପୂଜକ ବିଜୟ ପାଣିଗ୍ରାହୀ, ସହଯୋଗୀ ରଶ୍ମିରଞ୍ଜନ ନନ୍ଦ, ଅନନ୍ତ ଆଚାର୍ଯ୍ୟ ବିଧି ଅନୁସାରେ ପୂଜା କରିଥିଲେ। ବିଶ୍ୱଜିତା ମହାପାତ୍ର, ବସୁମତୀ ମହାନ୍ତି, ବିଶ୍ୱଜିତ ରାଉତ, ଶୁଭମ ରାଉତ, ହରେକୃଷ୍ଣ ନାୟକ, ସୁମତି ନାୟକ, ସୁଦର୍ଶନ ବାଗ ପ୍ରମୁଖ ସହଯୋଗ କରିଥିଲେ।

### ଜେଏସ୍‌ପିରେ ନିଃଶୁଳ୍କ ଚିକିତ୍ସା ଶିବିର

**ରାଉରକେଲା, ୧୯।୧୧ (ସଙ୍ଗୀତା ଜେନା):** ଜଗଦା ସ୍ଥିତ ଡ. ଏସ୍. ଏସ୍. ମେମୋରିଆଲ ଟ୍ରଷ୍ଟ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରବିବାର ଜଗଦା ସାଂସ୍କୃତିକ ପରିଷଦ (ଜେଏସ୍‌ପି) ସମ୍ମିଳନୀ କକ୍ଷରେ ଏକ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷଣ କରାଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୀବ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ୟୁ. ସି. ଜେନା ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ସଞ୍ଜୟ ତିର୍କୀ, ରାଧାକାନ୍ତ ଶତପଥୀ, ଆଶିଷ ସାହୁ, ଜି. ସି. ପାତ୍ର, ଏସ୍. ପଟ୍ଟନାୟକ ପ୍ରମୁଖ ବିଶେଷଜ୍ଞ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଔଷଧ, ଶିଶୁ, ଶଲ୍ୟ, ଅସ୍ଥିଶଲ୍ୟ, ଦନ୍ତ ସମେତ କରୋନା ରିମେଡିସ୍ ପକ୍ଷରୁ ବିଏମ୍‌ଡି, ଏନ୍‌ଡ଼ିସି, ଚକ୍ଷୁ, ରକ୍ତଶର୍କରା, ରକ୍ତଚାପ, ଇସିଜି ଆଦି ପରୀକ୍ଷା କରାଯାଇଥିଲା। ପ୍ରଭାତ ମହାନ୍ତି, ମଧୁସୂଦନ ମହାପାତ୍ର, କାଶୀନାଥ ପଣ୍ଡା, ଡି.ଏନ୍. ପୃଷ୍ଟି, ଲକ୍ଷ୍ମୀଧର ନାୟକ, ସିପ୍ରା ସ୍ୱାଇଁ, ବସନ୍ତ ବାରିକ, ବାଣୀବ୍ରତ ଭୋଳ, ପ୍ରଦୀପ ଲେଙ୍କା, ଅଜୟ ମଲ୍ଲିକ, ସୁରେନ୍ଦ୍ର ଦାଶଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଶିବିରରେ ନିଃଶୁଳ୍କ ଔଷଧ ବିତରଣ କରାଯାଇଥିଲା। ଡାମିଟ୍ସ ନର୍ସିଂ ଛାତ୍ରୀମାନେ ଶିବିର ପରିଚାଳନା କରିଥିଲେ।

### ଟ୍ରେନରେ କ୍ୟାନ୍‌ସର ରୋଗୀଙ୍କ ମୃତ୍ୟୁ

**ରାଉରକେଲା, ୧୯।୧୧ (ସଙ୍ଗୀତା ଜେନା):** ଧାନବାଦ ଆଲେପି ଟ୍ରେନରେ ଯାଉଥିବା ବେଳେ ରବିବାର ଚିକିତ୍ସାଧୀନ ଜଣେ କ୍ୟାନସର ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଙ୍ଗରୁ ଓରାମ। ସେ ବୋକାରୋ ନିବାସୀ ଏବଂ ତାଙ୍କୁ ଭେଲୋର ଚିକିତ୍ସା ପାଇଁ ନିଆଯାଉଥିବା ବେଳେ ରାଉରକେଲା ଷ୍ଟେଶନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା। ଷ୍ଟେଶନରେ ତାଙ୍କ ପରିବାର ଏ ସମ୍ପର୍କରେ ସୂଚନା ଦେଇଥିଲେ। ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୭/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କର୍ମଚାରୀ ଅଭାବରୁ ରହୁନି ଅଙ୍କୁଶ

**ରାଉରକେଲା, ୧୯।୧୧ (ସଙ୍ଗୀତା ଜେନା)**

- ନାଁକୁ ମାତ୍ର ଫ୍ୟାକ୍ଟ୍ରି ଓ ବଏଲର ଅଫିସ
- ୪ କର୍ମଚାରୀରେ ଚାଲିଛି ଜିଲା ନିୟନ୍ତ୍ରଣ

ଶିଳ୍ପ ସମୃଦ୍ଧ ସୁନ୍ଦରଗଡ଼ ଜିଲାରେ ଏବେ କାରଖାନାଗୁଡିକରେ ଦୁର୍ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ସରକାରୀ ଆକଳନ ଅନୁଯାୟୀ ଜିଲାରେ ଛୋଟ ବଡ଼ ୮୨୪ଟି ଶିଳ୍ପ କାରଖାନା ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ପ୍ରାୟ ୫ଶହ ସକ୍ରିୟ ରହିଛି। ଏଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା, କାରଖାନାରେ ଯନ୍ତ୍ରାଂଶର ଗୁଣବତ୍ତା ଯାଞ୍ଚ ସହ ନିୟମ ପାଳନ ହେଉଛି କି ନାହିଁ ତାହା ଦେଖିବା ପାଇଁ ରାଉରକେଲାଠାରେ ଫ୍ୟାକ୍ଟ୍ରି ଓ ବଏଲର ବିଭାଗ ରହିଛି। ତେବେ ଏହି କାର୍ଯ୍ୟାଳୟରେ ଅଧିକାରୀ ଓ ଅନ୍ୟ ଷ୍ଟାଫ୍‌ଙ୍କୁ ମିଶାଇ ୧୫ ଜଣ ରହିବା ସ୍ଥାନରେ ଜଣେ ଅଧିକାରୀଙ୍କ ସମେତ ୪ଜଣ ରହିଛନ୍ତି। କର୍ମଚାରୀ ଅଭାବରୁ କାରଖାନାଗୁଡିକ ଉପରେ ଅଙ୍କୁଶ ରହୁନାହିଁ। ନିୟମିତ ଯାଞ୍ଚ ହେଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ଫଳରେ ଶ୍ରମିକମାନେ ଦୁର୍ଘଟଣାର ଶିକାର ହୋଇ ମୃତାହତ ହେଉଛନ୍ତି। ଉଦାହରଣ ଭାବେ ପ୍ରାୟ ୨ଦିନ ତଳେ କଳୁଙ୍ଗା ଶିଳ୍ପାଞ୍ଚଳର ଏକ ଇସ୍ପାତ କାରଖାନାରେ ଫର୍ନେଶ ଫାଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଓ ଅନ୍ୟ ୨ଜଣ ଗୁରୁତର ହୋଇଥିଲେ। ତେବେ ଅଭଳି ଅନେକ କାରଖାନାରେ ଦୁର୍ଘଟଣା ଘଟୁଥିଲେ ମଧ୍ୟ ତାକୁ ଲୁଚାଇ ଦିଆଯାଉଛି। ବଡ଼ ଦୁର୍ଘଟଣା କାଁ ଭାଁ ଲୋକଲୋଚନକୁ ଆସୁଛି। ବିଭାଗ ସହ ହାତ ମିଳାଇ କାରଖାନା କର୍ତ୍ତୃପକ୍ଷ ଏପରି ଘଟଣାକୁ ଚାପି ଦେଉଥିବା ଅଭିଯୋଗ ହେଉଛି।

ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ଅଭିଯୋଗ କରିଛନ୍ତି, ଫ୍ୟାକ୍ଟ୍ରି ଓ ବଏଲର ବିଭାଗ କାରଖାନାଗୁଡିକରେ ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ତଦାରଖ କରିବା ସହ କଲ୍ୟାଣକାରୀ କାର୍ଯ୍ୟ କରିବା କଥା। ଏହା ଶ୍ରମ ବିଭାଗ ଅଧୀନରେ ଥିଲେ ମଧ୍ୟ ତାହା ସ୍ଥାଣୁ ପାଲଟିଛି। ଅଧିକ କର୍ମଚାରୀ ନ ଥିବାରୁ ଠିକ୍ ଭାବେ କାର୍ଯ୍ୟ ହେଉନି। ବିଭାଗ କେବଳ ଜିଲାରେ କାରଖାନା ପଞ୍ଜୀକରଣ ବ୍ୟବସ୍ଥା ଦେଖିବା ବ୍ୟତୀତ ଅନ୍ୟ ଦିଗ ପ୍ରତି ନିଘା ରଖାଯାଉନି। ଦୁର୍ଘଟଣା ହେଲେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍। ଆଇନଗତ କାର୍ଯ୍ୟାନୁଷ୍ଠାନ ହେଲେ ବିଭାଗ ଠିକ୍ ଭାବେ ଜିଲାରେ ନିଜର ଦାୟିତ୍ୱ ତୁଲାଇପାରିବ ବୋଲି ମହାନ୍ତି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ରାଉରକେଲା ଉଦିତନଗରଠାରେ ଥିବା ଏହି କାର୍ଯ୍ୟାଳୟର କାରଖାନା ଓ ବାଷ୍ପିତ୍ର ଉପନିର୍ଦ୍ଦେଶକ ଇଂ. ବିଭୁ ପ୍ରସାଦଙ୍କ ପଚରାଯିବାରୁ ସେ କହିଲେ, ଜିଲାରେ କୌଣସି କାରଖାନାରେ ଆକସ୍ମିକ ଦୁର୍ଘଟଣା ହେଲେ ତାକୁ ଯାଞ୍ଚ କରାଯାଉଛି। ଅନ୍‌ଲାଇନ୍‌ରେ ଅଭିଯୋଗ ଓ ଅନ୍ୟାନ୍ୟ ପ୍ରସଙ୍ଗ ପଞ୍ଜୀକୃତ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ନିୟମ ଅନୁପାଳନରେ ଅବହେଳା ହେଲେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଓ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବାର୍ଷିକ ୧୫/୧୬ଟି ଦୁର୍ଘଟଣା ମାମଲା ରୁଜୁ କରାଯାଉଛି। ତେବେ ଏହି ଅଫିସରେ ଯେତିକି କର୍ମଚାରୀ ଅଛନ୍ତି ସେଥିରେ ସୁଚାରୁ ରୂପେ କାମ କରିବାକୁ ଚେଷ୍ଟା କରାଯାଉଛି। ବହୁଳ କାମକୁ କମ୍ କର୍ମଚାରୀ ଯୋଗୁ ଚାପ ପଡୁଛି। ଆଗାମୀ ଦିନରେ ୨ଜଣ ଉଚ୍ଚ ଅଧିକାରୀ ଏଠାରେ ଯୋଗ ଦେଉଥିବା ସୂଚନା ମିଳିଛି। ବିଭାଗ ପକ୍ଷରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ସଚେତନତା କାର୍ଯ୍ୟକ୍ରମ ହେଉଛି ବୋଲି ପ୍ରସାଦ କହିଥିଲେ।



ଉଦିତନଗରସ୍ଥିତ ଫ୍ୟାକ୍ଟ୍ରି ଓ ବଏଲର ବିଭାଗ କାର୍ଯ୍ୟାଳୟ।

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଥମ ଅର୍ଘ୍ୟ ଅର୍ପଣ

**ରାଉରକେଲା, ୧୯।୧୧ (ସଙ୍ଗୀତା ଜେନା)**

**ରାଉରକେଲାରେ ଛଟ୍ ପର୍ବ ପାଳନ**

ରାଉରକେଲାରେ ଛଟ୍ ପର୍ବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ବ୍ରତଧାରୀ ଓ ଶ୍ରଦ୍ଧାଳୁମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଥମ ଅର୍ଘ୍ୟ ଅର୍ପଣ କରିଥିଲେ। କୋଏଲ ନଦୀ ଓ ବିଭିନ୍ନ ଜଳାଶୟମାନଙ୍କରେ ଏହି ପର୍ବ ଆୟୋଜନ କରାଯାଇଥିଲା। ସ୍ମାର୍ଟସିଟି ଓ ଆଖପାଖ ରେଳବାଇ କଲୋନୀ, ହୋଟେଲ ସନ୍ତୋଷ ଘାଟ, ହାଡ଼ପକା ଘାଟ, ପାଢ଼ୀ ଘାଟ ପାନପୋଷ, ବାଲୁଘାଟ, ରୂପଟୋଲା, ହନୁମାନ ଘାଟ, ଝିରପାଣି ଘାଟ, ବନ୍ଧମୁଣ୍ଡା ବି ସେକ୍ଟର ଘାଟ, ତିଳକାନଗର ଘାଟ, କୋଏଲାଗେଟ୍ ଘାଟ, ଜିତେନ୍ଦ୍ର ମଣ୍ଡଳ ଘାଟ, ତରକେରା ପମ୍ପହାଉସ୍ ଘାଟ, ବଡକାନୀ ଘାଟ, ସେକ୍ଟର-୧୬ ଘାଟ ଆଦିରେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ହମିରପୁର ଘାଟରେ ରାଉରକେଲା ଇସ୍ପାତ କାରଖାନା ଡିଆଇସି ଅତନୁ ଭୌମିକ ଅର୍ଘ୍ୟ ଦେଇଥିଲେ। ଝିରପାଣି ସ୍ଥିତ ଆଦିତ୍ୟ ଘାଟରେ ହିନ୍ଦୁ ଜାଗରଣ ମଞ୍ଚ, ବିହାର ସାଂସ୍କୃତିକ ପରିଷଦ ଓ ଅନ୍ୟ ସଙ୍ଗଠନ ପକ୍ଷରୁ ବ୍ରତଧାରୀମାନେ ଅର୍ଘ୍ୟ ପ୍ରଦାନ କରିଥିଲେ। ଏଥିପାଇଁ ସୁରକ୍ଷିତ ବ୍ୟବସ୍ଥା ସହ ଅସ୍ଥାୟୀ ଚେଞ୍ଜିଂ ରୁମ୍, ହୋମ ପାଇଁ କାଠ, ଦୁଗ୍ଧ ଆଦି ଯୋଗାଇ ଦିଆଯାଇଥିଲା। ନଦୀ ଓ ଜଳ ଉତ୍ସରେ ଆକସ୍ମିକ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଲାଇଫ୍ ଗାର୍ଡ ବ୍ୟବସ୍ଥା କରାଯାଇଥିଲା। ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଘାଟକୁ ଆସିଥିଲେ। ଟ୍ରାଫିକ ପରିଚାଳନା ପାଇଁ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏହି ଘାଟଗୁଡ଼ିକୁ ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, କୈଳାଶ ରାଉତ, ଅଜୟ କଂସାରୀ, ଅବୋଧ ରାୟ, ରାଜେଶ ପ୍ରସାଦ, ପ୍ରବାଳ ରଞ୍ଜନ ବାରିକ, ସନ୍ଦୀପ ଅଗ୍ରୱାଲ, ରାଜେଶ ସିଂଙ୍କ ସମେତ ଅନ୍ୟମାନେ ପରିଦର୍ଶନ କରିଥିଲେ। ସେହିପରି କଂଗ୍ରେସ ନେତୃମଣ୍ଡଳୀ ମଧ୍ୟ ଘାଟ ପରିଦର୍ଶନ କରି ବ୍ୟବସ୍ଥା ତଦାରଖ କରିଥିଲେ। ସୂଚନାଯୋଗ୍ୟ, ବିହାର, ଉତ୍ତରପ୍ରଦେଶର କିଛିଅଂଶରେ ଲୋକେ ଅସ୍ତଗାମୀ ଓ ଉଦିତ ସୂର୍ଯ୍ୟଙ୍କ ଉପାସନା କରିଥାନ୍ତି। ପରିବାରର ସୁଖ,ଶାନ୍ତି ଓ ସମୃଦ୍ଧି ପାଇଁ ଏହି ପର୍ବ ପାଳନ କରାଯାଇଥାଏ। ସୋମବାର ଭୋରରୁ ଉଦିତ ସୂର୍ଯ୍ୟଙ୍କୁ ନୈବେଦ୍ୟ ପ୍ରଦାନ କରିବା ପରେ ଛଟ୍ ପର୍ବ ସମାପନ ହେବ। ଅଧିକାଂଶ ଘାଟରେ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା।


ହମିରପୁର ଘାଟରେ ଆର୍‌ଏସ୍‌ପି ଡିଆଇସି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରୁଛନ୍ତି।

# ସାଂସ୍କୃତିକ, ସୃଜନାତ୍ମକ ପ୍ରତିଯୋଗିତା ଉଦ୍‌ଯାପିତ

**ରାଉରକେଲା, ୧୯।୧୧ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୪ଦିନ ଧରି ଚାଲିଥିବା ସାଂସ୍କୃତିକ ଓ ସୃଜନାତ୍ମକ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଯୁକ୍ତ ୨, ୩ ଓ ସ୍ନାତକୋତ୍ତର ବର୍ଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମେହେନ୍ଦି ଅଙ୍କନ, ପ୍ରବନ୍ଧ, ତର୍କ ସହିତ କବିତା ଆବୃତ୍ତି ଓ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ମିଲେଟ ଜନିତ ଖାଦ୍ୟ ସମ୍ପର୍କିତ ରନ୍ଧନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଯୁକ୍ତ ୨ ବର୍ଗର ପ୍ରତିଯୋଗୀଙ୍କ ନୋଡାଲ ଅଧିକାରୀ ଅଜୟ କୁମାର ବେହେରା ଓ ଯୁକ୍ତ ୩ ଓ ସ୍ନାତକୋତ୍ତର ପ୍ରତିଯୋଗୀଙ୍କ ନୋଡାଲ ଅଧିକାରୀ ମାୟାଧର ବାରିକ ପ୍ରତିଯୋଗିତାର ତତ୍ତ୍ୱାବଧାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୁକ୍ତ ୨ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସଂଯୋଜିକା ଭାବେ ମନିଷା ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନଙ୍କ ସଂଯୋଜକ ଭାବେ ସୁରତ ଗିରିଙ୍କ ଦ୍ୱାରା ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ପ୍ରତିଯୋଗୀମାନେ ମିଲେଟ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ବ୍ୟଞ୍ଜନର ପୋଷଣ ତତ୍ତ୍ୱ ଓ ପୁଷ୍ଟିକର ମୂଲ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସ୍କୃତିକ କ୍ଲବ ଅଧୀନ ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ଛାତ୍ର ଓ କଲେଜର ଅଧାପିକା ଅଧାପକ ସହଯୋଗ କରିଥିଲେ।


ଛାତ୍ରୀମାନେ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

# ଓଏସ୍‌ଏପି କ୍ୟାମ୍ପସ୍‌ରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ରାଉରକେଲା, ୧୯।୧୧ (ଦିନେଶ ମିଶ୍ର)**

ରାଉରକେଲା ଇନରହୁଇଲ ଓ ରୋଟାରି କ୍ଲବ ରିଭରସାଇଡ୍‌ର ମିଳିତ ଆନୁକୂଲ୍ୟରେ ହାଇଟେକ ମେଡିକାଲ କଲେଜ ସହାୟତାରେ ସେକ୍ଟର-୨୧ ସ୍ଥିତ ଓଏସ୍‌ଏପି ପରିସରରେ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଓ କର୍କଟ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ହାଇଟେକ ମେଡିକାଲ କଲେଜର ସିଇଓ ଡାକ୍ତର ଏସ୍. କେ. ଆଚାର୍ଯ୍ୟ ଓ ଓଏସ୍‌ଏପି କମାଣ୍ଡାଣ୍ଟ ପି. କେ. ଜେନା ଉଦ୍‌ଘାଟନ କରିଥିଲେ। ଶିବିରରେ ହୃଦରୋଗ ବିଶେଷଜ୍ଞ ଡା. ଜି. ସି. ପତ୍ରୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଗୀତାଞ୍ଜଳି ପତ୍ରୀ ଯୋଗଦେଇ ହୃଦରୋଗର କାରଣ ଓ ନିରାକରଣ ବିଷୟରେ ସୂଚନା ଦେଇଥିଲେ। ମହିଳାମାନଙ୍କ ଜରାୟୁ ଓ ସ୍ତନକର୍କଟର କାରଣ ନେଇ ଡା. ପତ୍ରୀ ଅବଗତ କରିଥିଲେ। ନିୟମିତ 'ପାପ୍ ସ୍ମିୟର' ପରୀକ୍ଷା କରାଉଥିଲେ ଜରାୟୁ କର୍କଟ ପ୍ରଥମ ଅବସ୍ଥାରେ ଧରାପଡେ ଓ ତାର ଭୟାବହତା ରୋକାଯାଇପାରେ ବୋଲି ସେ କହିଥିଲେ। ଶିବିରରେ ଓଏସ୍‌ଏପିର ସମସ୍ତ ଅଫିସର, ଯବାନ ଓ ସେମାନଙ୍କ ପରିବାର ସଦସ୍ୟମାନେ ନିଜ ସ୍ୱାସ୍ଥ୍ୟ ପରୀକ୍ଷଣ କରାଇଥିଲେ। ରୋଟାରୀ ରିଭରସାଇଡ୍ ସଭାପତି ଭଗବାନ ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇନରହୁଇଲ ସଭାପତି ପ୍ରମିଳା ମିଶ୍ର ଯବାନମାନଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ହାଇଟେକ ମେଡିକାଲ କଲେଜର ଉପ ନିର୍ଦ୍ଦେଶକ ପି. ସି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଶିବିରରେ ବିଶେଷଜ୍ଞ ଡାକ୍ତର ସରୋଜ କୁମାର ରଥ, ଏ. ଜି ସାମଲ, ଅରୁଣ ନାୟକ, ମନୋଜ ପାଣିଗ୍ରାହୀ, ଅରୁଣ ପାଣ୍ଡେ, ଡା. ମୃତ୍ୟୁଞ୍ଜୟ ନାୟକ, ପୁଷ୍ପାଞ୍ଜଳି ସାହୁ, ରୁଚିକା ଦାସ ପ୍ରମୁଖ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ହାଇଟେକ ମେଡିକାଲର ନିର୍ଦ୍ଦେଶକ ମଧୁସୂଦନ ମହାନ୍ତି, ସତ୍ୟ ରଥ, ଶ୍ରୁତିରଞ୍ଜନ ରଥ, ଶୁଭାଶିଷ ତ୍ରିପାଠୀ, ଷ୍ଟାଫନର୍ସ ସହଯୋଗ କରିଥିଲେ। ଅତିରିକ୍ତ ସେନାଧ୍ୟକ୍ଷ ଶରତ ଜାନି ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ରାଉରକେଲା, ୧୯।୧୧ (ଦିନେଶ ମିଶ୍ର)**

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ବାସଭବନ ପରିସରରେ ରାଉରକେଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସୁବର୍ଣ୍ଣରେଖା ପକ୍ଷରୁ ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବକୁ ଦୁର୍ଗାମନୋଲିଥିକ୍ସର ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ଦେଓ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଅନୁଷ୍ଠାନର ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ଚିତ୍ରକଳା, ଗଣଦୌଡ, ଶଙ୍ଖବାଦନ ଭଳି ୧୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିଙ୍କୁ ବେଦବ୍ୟାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଆଶୁତୋଷ ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। କମଳାକାନ୍ତ ପ୍ରଧାନ, ସୁବ୍ରତ ଜେନା, ପି. ମହାରଣା, ବି. କେ. ମହାପାତ୍ର, ସମୀର ମଣ୍ଡଳ, ଗଗନ ପ୍ରଧାନ, କରୁଣାକର ବାରିକ, ରବିନ୍ଦ୍ର ଜେନା, ମହେନ୍ଦ୍ର ମହାଲିକ, ଦୀପକ ପାଲ, କେ.ଏନ୍. ଦେଓ, କେ. କେ. ପଣ୍ଡା, କରୁଣାକର ସାହୁ, ମଧୁ ବେଜ, କନକଲତା ଜେନା, ଛବିରାଣୀ ପ୍ରଧାନ, ଜ୍ୟୋତ୍ସ୍ନା ଦେଓ, ଦମୟନ୍ତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଦକ୍ଷତାକୁ ଦେଶ ହିତରେ ବ୍ୟବହାର କର

**ବିପିୟୁଟିର ଟେକ୍ କାର୍ନିଭାଲ ପୁରସ୍କାର ବିତରଣ ଉତ୍ସବ**

**ରାଉରକେଲା, ୧୯।୧୧ (ଦିନେଶ ମିଶ୍ର)**

ରାଉରକେଲା ଛେଣ୍ଡ ସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ନେତାଜୀ ସୁବାଷ ଅଡିଟୋରିୟମ୍ କକ୍ଷରେ ବିପିୟୁଟି ଟେକ୍ କାର୍ନିଭାଲ ପୁରସ୍କାର ବିତରଣ ଉତ୍ସବ ଉପ କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ କୌଶଳ ବିକାଶ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ନିଜ ଭିତରେ ଥିବା ଦକ୍ଷତାକୁ ପରଖି ନିଷ୍ଠାର ସହ କଠୋର ପରିଶ୍ରମ କଲେ ନିଶ୍ଚିତ ସଫଳତା ମିଳିଥାଏ। ଏହି ଦକ୍ଷତାପୂର୍ଣ୍ଣ ସଫଳତାକୁ ଦେଶ ଓ ସମାଜର ହିତ ପାଇଁ ବ୍ୟବହାର କରିବାକୁ ମୁଖ୍ୟ ଅତିଥି ଘଡେଇ ବିଦ୍ୟାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଓ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ବିପିୟୁଟି ଆନ୍ଥେମ୍‌ର ଉଦ୍‌ଘାଟନ ଓ ଗାୟନ କରାଯାଇଥିଲା। ପରେ 'ବିପିୟୁଟି ନ୍ୟୁଜ'ର ପ୍ରଥମ ସଂସ୍କରଣ ପତ୍ରିକା ଉନ୍ମୋଚନ କରାଯାଇଥିଲା। ବିପିୟୁଟିର ବିଦ୍ୟାର୍ଥୀଙ୍କ ମଧ୍ୟରେ ହୋଇଥିବା ଡ୍ରୋନ ଓ ରୋବଟିକ୍ସ ପ୍ରତିଯୋଗିତା, ମୋବାଇଲ ଆପ୍ ଡେଭଲପମେଣ୍ଟ ଶୈଳୀ, ଟେକ୍ନିକାଲ କୁଇଜ, ଫାର୍ମା କୁଇଜ, ଗ୍ରୁପ୍ ଡିବେଟ୍ ଭଳି ୨୦ଟି ଇଭେଣ୍ଟରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ମାନପତ୍ର ସହ ସମ୍ମାନଫଳକ ପ୍ରଦାନ କରିଥିଲେ। ଏହି ଅବସରରେ ବିପିୟୁଟି ଓଡ଼ିଶା ଓ ସିପେଟ୍ ମଧ୍ୟରେ ବିଦ୍ୟାର୍ଥୀଙ୍କ ଦକ୍ଷତା ବିକାଶ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ବିପିୟୁଟି ପ୍ରଫେସର ଶୁଭେନ୍ଦୁ ରଥ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିପିୟୁଟିର ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ବିକାଶ କୁମାର ଖୁଣ୍ଟିଆ, ବିପିୟୁଟି ପରିଚାଳିତ କଲେଜର ନିର୍ଦ୍ଦେଶକ ଶିବ କୁମାର ମିଶ୍ର, ଶିଳ୍ପ ତାଲିମ ନିର୍ଦ୍ଦେଶକ ସୁଜିତ କୁମାର ଦାସ, ପ୍ରଫେସର ବିନୋଦ ପଢିହାରୀଙ୍କ ସମେତ କର୍ମକର୍ତ୍ତା ସହଯୋଗ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିପିୟୁଟି ରେଜିଷ୍ଟ୍ରାର ନିଶି ପୁନମ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।



ବିପିୟୁଟିର ଟେକ୍ କାର୍ନିଭାଲ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଅଇଁଠାପାଲିରେ ଯାନ୍ତ୍ରିକ ଭବନର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୯।୧୧(ବି.ଶଙ୍କର)

ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ସମ୍ବଲପୁର ଜୋନ ପକ୍ଷରୁ ଯାନ୍ତ୍ରିକ ଭବନର ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ସମ୍ବଲପୁର ଜୋନାଲ ସମ୍ପାଦକ ସଦାଶିବ ବିଶୋଇଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ସଭାରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସଭାରେ ମୁଖ୍ୟତଃ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଡିଏଲଆର ଓ ସିଏଲଆର କର୍ମଚାରୀଙ୍କ ସର୍ବନିମ୍ନ ମଜୁରି ଲାଗୁ କରାଯିବାକୁ ଦାବି କରାଯାଇଥିଲା। ଏହା ସହ ସଂଘର ୱାର୍କଚାର୍ଜ କର୍ମଚାରୀଙ୍କ ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ଇପିଏଫ ଜମା ହୋଇ ନ ଥିବା ନେଇ ସଭାରେ ଆଲୋଚନା ହୋଇଥିଲା। ତେଣେ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ମଧ୍ୟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ଦାବି ପୂରଣ ପାଇଁ ଆଗାମୀ ଦିନରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚରୀ ସଂଘ ପକ୍ଷରୁ ଦୁର୍ବାର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସଂଘର ରାଜ୍ୟ ଉପସଭାପତି ନାରାୟଣ ନାଗ, ସମ୍ବଲପୁର ଡିଭିଜନ ସମ୍ପାଦକ ଜଗନ୍ନାଥ ରେଡ଼ି, ହିରାକୁଦ ଶାଖା ସମ୍ପାଦକ ଗଣେଷ ବାଗ, ଆରଡବ୍ଲ୍ୟୁଏଏସ ସମ୍ବଲପୁର ଡ଼ିଭିଜନ ସମ୍ପାଦକ ମଙ୍ଗଳୁ ଚରଣ ମହନ୍ତ ଯୋଗଦେଇ ଥିଲେ ।

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ବ୍ରତଧାରୀଙ୍କ ଅର୍ଘ୍ୟ ଅର୍ପଣ

## ସମ୍ବଲପୁରରେ ହର୍ଷ ଉଲ୍ଲାସର ସହିତ ଛଟ୍ ପର୍ବ ପାଳିତ

ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ବିପୁଳ ହର୍ଷ ଉଲ୍ଲାସର ସହିତ ପବିତ୍ର ଛଟ୍‌ପର୍ବ ପାଳନ କରାଯାଇଛି। ରବିବାର ସମ୍ବଲପୁର ସହରର ବିଭିନ୍ନ ନଦୀ ଘାଟ ସମେତ ବିଭିନ୍ନ ଜଳାଶୟରେ ଏଥିପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କଟରଧୁଆ, ମନ୍ଦଲିଆ, ସାକ୍ଷୀପଡ଼ା, ଏନ୍‌ଗୁହାଲେନ୍, ସିଦ୍ଧେଶ୍ୱର ବେର୍ଣ୍ଣା, ବରେଇପାଲି, ମହାନଦୀର ବାଲିବନ୍ଧା ଓ ମାରୱାଡ଼ିପଡ଼ା ଘାଟ ଆଦି ବିଭିନ୍ନ ସ୍ଥାନରେ ବିହାରୀ ସମ୍ପ୍ରଦାୟ ଲୋକେ ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା ସହ ଅର୍ଘ୍ୟ ଅର୍ପଣ କରିଛନ୍ତି। ଛଟ୍‌ପର୍ବ ପାଇଁ ମନ୍ଦଲିଆ ଓ କଟରଧୁଆଠାରେ ଥିବା ଜଳାଶୟଗୁଡ଼ିକରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପକ୍ଷରୁ ବିଶେଷ ଆୟୋଜନ କରାଯାଇଥିଲା। ମନ୍ଦଲିଆର ସୂର୍ଯ୍ୟମିତ୍ର ମଣ୍ଡଳ ପକ୍ଷରୁ ଏଥିପାଇଁ ନିକଟସ୍ଥ ଜଳାଶୟରେ ବିଶେଷ ପ୍ରସ୍ତୁତି କରାଯାଇଥିଲା। ମନ୍ଦଲିଆ ଘାଟରେ ଛଟ୍ ବ୍ରତଧାରୀ ଭକ୍ତ ଯେଭଳି ଭାବରେ ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରିପାରିବେ ସେଥିପାଇଁ ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନରେ ବହୁ ସଂଖ୍ୟାରେ ସ୍ଥାନୀୟ ବିହାରୀ ସମ୍ପ୍ରଦାୟର ମହିଳା ଓ ପୁରୁଷ ଭକ୍ତ ନୂତନ ବସ୍ତ୍ର ପରିଧାନ କରି ମୁଣ୍ଡରେ କୁଲା ଓ ବାଉଁଶ ତିଆରି ପାଚିଆରେ ପୂଜାସାମଗ୍ରୀ ଧରି ଜଳାଶୟ ଘାଟରେ ପହଞ୍ଚିଥିଲେ। ଏହାବାଦ ଜଳଗର୍ଭରେ ରହି ଏଠାରେ ସାମୂହିକ ଭାବେ ପୂଜାର୍ଚ୍ଚନା ପୂର୍ବକ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥିଲେ। କଟରଧୁଆରେ ମଧ୍ୟ ଅନୁରୂପ ଭାବେ ବେଶ ଧୁମ୍‌ଧାମ୍‌ରେ ଛଟ୍‌ପର୍ବ ପାଳିତ ହୋଇଛି। ସେହିପରି ବରେଇପାଲିରେ ମଧ୍ୟ ନାଲେଶ୍ୱର ଧାମ ଛଟ୍‌ପୂଜା କମିଟି ପକ୍ଷରୁ ଛଟ୍‌ପର୍ବ ପାଳନ ପାଇଁ ବିଶେଷ ଆୟୋଜନ କରାଯାଇଥିଲା। ଛଟପର୍ବ ପାଇଁ ହୋଇଥିବା ଆୟୋଜନରେ ସୂର୍ଯ୍ୟ ମିତ୍ର ମଣ୍ଡଳ ଅନୁଷ୍ଠାନର ମୁନ୍ନା ତିୱାରୀ, ଅଶୋକ ସାହୁ, ରାଜା ଯାଦବ, ମନନ୍ ସାହୁ, ହରବିନ୍ଦର ଯାଦବ, ମୁସାଫିର ଯାଦବ, ତାରକେଶ୍ୱର ଯାଦବ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ ଯେ ଛଟ୍ ପର୍ବ ସୂର୍ଯ୍ୟ ଉପାସନାର ଏକ ଅଂଶ। ଏହି ପର୍ବକୁ ସମ୍ବଲପୁରରେ ବିଶେଷ କରି ବିହାରୀ ସମ୍ପ୍ରଦାୟର ଲୋକେ ପାଳନ କରୁଥିବା ଦେଖିବାକୁ ମିଳିଥାଏ। ଦୀପାବଳିର ୬ ଦିନ ପରେ ଅର୍ଥାତ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପାଳିତ ହୋଇଥାଏ। ଛଟ୍‌ପର୍ବରେ ସୂର୍ଯ୍ୟଦେବ ଓ ତାଙ୍କ ଭଗିନୀ ମା’ ଷଷ୍ଠୀଙ୍କୁ ପୂଜା କରାଯାଇଥାଏ। ଏହା ଏକ ଚାରିଦିନିଆ ପର୍ବ। ମାନସିକଧାରୀ ମହିଳା ଓ ପୁରୁଷ ଭକ୍ତମାନେ ଉପବାସ ରଖି ରବିବାର ଅପରାହ୍ନରେ କୁଲା ଓ ବାଉଁସ ତିଆରି ପାଚିଆରେ ପୂଜା ସାଗଗ୍ରୀକୁ ମୁଣ୍ଡରେ ଧରି ନଦୀ ବା ପୁଷ୍କରିଣୀ ଘାଟରେ ପହଞ୍ଚି ସ୍ନାନାଦି ସାରି ଜଳ ଗର୍ଭରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥାଆନ୍ତି। ସୂର୍ଯ୍ୟାସ୍ତ ହେଲାପରେ ସେମାନେ ଜଳରୁ ବାହାରି ପ୍ରସାଦ ସେବନ କରି ରାତ୍ରି ଉଜାଗର ରହିବାର ବିଧି ରହିଛି। ପରଦିନ ପୂନର୍ବାର ସୂର୍ଯ୍ୟଦୋୟ ପୂର୍ବରୁ ବିଭିନ୍ନ ଜଳାଶୟ ଘାଟରେ ପହଞ୍ଚି ବ୍ରତଧାରୀ ଭକ୍ତମାନେ ପୁଣି ଜଳମଧ୍ୟରେ ପ୍ରବେଶ କରି ସୂର୍ଯ୍ୟଦୋୟକୁ ଅପେକ୍ଷା କରି ରହିବେ। ସୂର୍ଯ୍ୟଦୋୟ ହେଲା ମାତ୍ରକେ ଉଦିତ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା ସହିତ ଅର୍ଘ୍ୟ ଅର୍ପଣ କରି ବ୍ରତକୁ ସମ୍ପନ୍ନ କରିବେ। ସନ୍ତାନ ଜନ୍ମ, ଶିଶୁରୁ ସୁସ୍ଥ ଓ ଦୀର୍ଘାୟୁ ତଥା ନିରାମୟ ଜୀବନ ଏବଂ ସମୃଦ୍ଧି ପାଇଁ ଛଟ୍‌ପର୍ବ ପାଳନ କରିବାର ଧାର୍ମିକ ବିଶ୍ୱାସ ରହିଛି। ତେଣୁ ବ୍ରତଧାରୀମାନେ ଦୀର୍ଘ ୩୬ ଘଣ୍ଟାଧରି ଉପାବାସ ଓ ୨୪ ଘଣ୍ଟା ଧରି ନିର୍ଜଳା ଉପବାସ ରଖିଥାଆନ୍ତି। ପ୍ରଥମ ଦିବସରେ ଖର୍ନା, ଦ୍ୱିତୀୟ ଦିବସରେ ଲୋହଣ୍ଡା ପର୍ବ ପାଳିତ ହୋଇଥାଏ।


ବ୍ରତଧାରୀ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରୁଛନ୍ତି।

# ଡିସେମ୍ବର ୧ରେ ରାଜ୍ୟ କଂଗ୍ରେସର ତୁଳସୀ ଯାତ୍ରା


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

ସମ୍ବଲପୁର,୧୯।୧୧ (ପ୍ରମୋଦ ବହିଦାର)

ରାଜ୍ୟ ପ୍ରଦେଶ କଂଗ୍ରେସ ପକ୍ଷରୁ ଆସନ୍ତା ଡିସେମ୍ବର ୧ରୁ ପୁରୀ ଅଭିମୁଖେ ତୁଳସୀ ଯାତ୍ରା ଅନୁଷ୍ଠିତ ହେବ। ଶ୍ରୀମନ୍ଦିରର ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ନେଇ ଭୁବନେଶ୍ୱର କଂଗ୍ରେସ ଭବନରୁ ପୁରୀ ଅଭିମୁଖେ ଉକ୍ତ ତୁଳସୀଯାତ୍ରା ଆରମ୍ଭ ହେବ ବୋଲି ସମ୍ବଲପୁର କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତି ରାଜେନ୍ଦ୍ର ଛତ୍ରିଆ କହିଛନ୍ତି। ସେ ସୂଚନା ଦେଇ କହିଛନ୍ତି ଯେ, ତୁଳସୀ ଯାତ୍ରା ପାଇଁ ଜିଲାର ସହରାଞ୍ଚଳ ସହିତ ସମସ୍ତ ବ୍ଲକରୁ ତୁଳସୀ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଶ୍ରୀମନ୍ଦିରର ସମସ୍ତ ଚାରି ଦ୍ୱାର ଦେଇ ଭକ୍ତଙ୍କୁ ଭିତରକୁ ଛାଡ଼ିବା, ରତ୍ନଭଣ୍ଡାରର ଚାବିକାଠିକୁ ଯଥାଶୀଘ୍ର ଠାବ କରିବା ସହିତ ରତ୍ନଭଣ୍ଡାରରେ ଥିବା ସମ୍ପତ୍ତିର ହିସାବ କରିବା ତଥା ବେଦାନ୍ତ ଦ୍ୱାରା ଅଧିଗ୍ରହଣ ହୋଇଥିବା ପ୍ରଭୁ ଜଗନ୍ନାଥଙ୍କ ଅମୃତ ମଣହିଁ ଜମିକୁ ଅବିଳମ୍ବେ ଫେରସ୍ତ କରିବା ଆଦି ୬ଟି ବିଭିନ୍ନ ଦାବିକୁ ନେଇ କଂଗ୍ରେସ ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ପକ୍ଷରୁ ଉକ୍ତ ତୁଳସୀ ଯାତ୍ରା ଆୟୋଜିତ ହେବ। ଉକ୍ତ ପ୍ରସଙ୍ଗ ଓ ଦାବି ସମ୍ପର୍କରେ ରାଜ୍ୟବାସୀଙ୍କ ମଧ୍ୟରେ ଏକ ଜନଜାଗରଣ ସୃଷ୍ଟି କରିବା ତୁଳସୀ ଯାତ୍ରାର ଏକମାତ୍ର ଲକ୍ଷ୍ୟ। ନଭେମ୍ବର ୩୦ ସୁଦ୍ଧା ରାଜ୍ୟର ସମସ୍ତ ଜିଲାରୁ ସଂଗୃହୀତ ତୁଳସୀ ଯାଇ ଭୁବନେଶ୍ୱରରେ ପହଞ୍ଚିବ। ତାପରଦିନ ଅର୍ଥାତ ଡିସେମ୍ବର ୧ରେ ଭୁବନେଶ୍ୱର କଂଗ୍ରେସ ଭବନରୁ ଏହି ଯାତ୍ରା ପୁରୀ ଅଭିମୁଖେ ବାହାରିବ। ଯାତ୍ରା ଶେଷରେ ପୁରୀରେ ପହଞ୍ଚି ସାରା ରାଜ୍ୟରୁ ସଂଗୃହୀତ ତୁଳସୀକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ଅର୍ପଣ କରାଯିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ସମ୍ବଲପୁର ଜିଲା ସଭାପତି ଅଶ୍ୱିନୀ ଗୁରୁ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଜିଲା କଂଗ୍ରେସ ଉପସଭାପତି ନିରଞ୍ଜନ ତ୍ରିପାଠୀ, ଜିଲା ମହିଳା କଂଗ୍ରେସ ଅଧ୍ୟକ୍ଷା ସୁତାପା ମିତ୍ର, ପିସିସି ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

# ସୁନାରିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ରିଆମାଳ, ୧୯।୧୧ (ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ସୁନାରୀପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସମାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୋଲକବିହାରୀ ପ୍ରଧାନ ପରିଚାଳନା କରିଥିଲେ। ରବିବାର ସକାଳ ୮ଟାରେ କଳସ ଯାତ୍ରା ସହିତ ଶିକ୍ଷାରଥ ଦ୍ୱାରା ସଚେତନତା ବାର୍ତ୍ତା ପ୍ରଚାର ପ୍ରସାର କରାଯାଇଥିଲା। ଏହା ପରେ ଅତିଥିଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ, ଗୁରୁ ପୂଜନ, ସାର୍ବଜନୀନ ମଧ୍ୟାହ୍ନଭୋଜନ ଏବଂ ପୁରାତନ ଛାତ୍ରୀଛାତ୍ରଙ୍କର ବନ୍ଧୁମିଳନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ସୁବାସ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଜିଲା ପରିଷଦ ସଦସ୍ୟା ଜୋନ ୨ ବାସନ୍ତୀ ବେହେରା, ନାଉଲିପଡା ସରପଞ୍ଚ ଇଲିନା ସାହୁ, ସମିତି ସଭ୍ୟ ବନିତା ପ୍ରଧାନ, ବିଡିଓ ଉଗ୍ରସେନ ଓରାମ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୋଦ ସିଂ, ବରିଷ୍ଠ ଶିକ୍ଷକ ତଥା ପ୍ରଶିକ୍ଷକ ଶରତଚନ୍ଦ୍ର ସେଠ, ସମାଜସେବୀ ଲୋକନାଥ ପ୍ରଧାନ ଅତିଥି ଭାବରେ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀକୁ ଉଦ୍‌ଘାଟନ କରିଥିଲେ। ଏହା ସହିତ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଏହା ପରେ ପୁରାତନ ଛାତ୍ରୀଛାତ୍ର ଓ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହା ସହିତ ଶ୍ରୀକୃଷ୍ଣ ଇଭେଣ୍ଟ ସହଯୋଗରେ ସମ୍ବଲପୁରୀ ମେଲୋଡି ବ୍ଲକରୋଜ ସହିତ ସିରିଏଲ ଅଭିନେତ୍ରୀ ଉର୍ବିଙ୍କ ଦ୍ୱାରା ଧମାକାଦାର ମେଲୋଡି କାର୍ଯ୍ୟକ୍ରମ ସନ୍ଧ୍ୟାରେ ଆୟୋଜିତ ହୋଇଥିଲା।


ଅତିଥିମାନେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

# ଫୁଟବଲ ପ୍ରତିଯୋଗିତା: ଢୋଲପଡ଼ା କ୍ଲବ ଚାମ୍ପିୟନ

ଦେବଗଡ଼, ୧୯।୧୧(ଶଶାଙ୍କଶେଖର ଝାଙ୍କର)

ତିଲେଇବଣି ବ୍ଲକ କଂସଠାରେ କଂସର ଫୁଟବଲ କ୍ଲବ ଆନୁକୂଲ୍ୟରେ ଶନିବାର ଆରମ୍ଭ ହୋଇଥିବା ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସମ୍ବଲପୁର ଜିଲାର ବଞ୍ଜାରୀ ଫୁଟବଲ କ୍ଲବକୁ ଟାଇବ୍ରେକର ସହାୟତାରେ ୩-୦ ଗୋଲରେ ପରାସ୍ତ କରି ତିଲେଇବଣି ବ୍ଲକର ଢୋଲପଡା ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ପଦ୍ମଚରଣ ଗୁରୁ, ସଙ୍ଗମ, ଭୁପେନ ଓ ଯଶୋବନ୍ତ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଭାବେ କଂସର ଗ୍ରାମ ପଞ୍ଚାୟତର ସରପଞ୍ଚ ଅମୂଲ୍ୟ ଧରୁଆ, ସମିତି ସଦସ୍ୟ ସୁରଜରାଜ ଧରୁଆ ଓ ଗ୍ରାମ ମଙ୍ଗଳ କମିଟିର ସଭାପତି ଗୁରୁଚରଣ ପଟ୍ଟା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


ଫୁଟବଲ ପ୍ରତିଯୋଗିତାରେ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ବଣମଲ୍ଲୀ ନ ହୋଇ ବଗିଚା ମଲ୍ଲୀ ହେବାକୁ ପରାମର୍ଶ


ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ଜିଲାସ୍ତରୀୟ ଶିଶୁମହୋତ୍ସବ ସର୍ଗୀଫୁଲ

କୁଚିଣ୍ଡା,୧୯।୧୧(ବିରଞ୍ଚି ଦର୍କା)

ଶିଶୁ ମହୋତ୍ସବ ସର୍ଗୀଫୁଲ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା ବିକଶିତ ହୋଇଥାଏ। ତେଣୁ ବଣମଲ୍ଲୀ ନ ହୋଇ ବଗିଚା ମଲ୍ଲୀ ହେବାକୁ ସମ୍ବଲପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗୀଫୁଲ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିଗଣ ପରାମର୍ଶ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଆନୁକୂଲ୍ୟରେ ଜିଲା ସର୍ଗିଫୁଲ କମିଟି ପକ୍ଷରୁ ରବିବାର କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ହୋଇଥିବା ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମକୁ ପୂର୍ବାହ୍ନରେ କୁଚିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ବଲପୁର ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମଣ୍ଡଳ ଶିକ୍ଷା ଅଧିକାରିଣୀ ପାନାମଣି ମୁର୍ମୁ ମୁଖ୍ୟବକ୍ତା, କୁଚିଣ୍ଡା ଆଇଟିଡିଏ ସ୍ପେଶାଲ ଅଫିସର ସୂର୍ଯ୍ୟ ନାରାୟଣ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୁଚିଣ୍ଡା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ମୁଖ୍ୟ ଅତିଥି, କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ ମୁଖ୍ୟବକ୍ତା, କୁଚିଣ୍ଡା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରିଣୀ ଅନିଭା ନାୟକ, ସମ୍ବଲପୁର ସଦର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ ମେହେର, ସମ୍ବଲପୁର ଜିଲା ଅନୁସୂଚିତ ଜାତି ଓ ଜନଜାତି ମଣ୍ଡଳଶିକ୍ଷା ଅଧିକାରୀ ନରେଶ ଖମାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ୧୪ଗୋଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ୫୬ଟି ବିଦ୍ୟାଳୟର ମୋଟ ୨୨ଶହ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ଚକ୍ରଧର ମାଝି ସ୍ୱାଗତ ଭାଷଣ ଦେଇଥିଲେ। ଶୁଭଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# କୃଷକ ସଂଘର୍ଷ ସଂଘର ସମାବେଶ, ପଞ୍ଚାୟତସ୍ତରୀୟ କମିଟି ଗଠିତ

ଦେବଗଡ଼,୧୯।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବସାଲଇ ଗ୍ରାମ ପଞ୍ଚାୟତ ସଦର ମହକୁମାସ୍ଥିତ ବରସାହିରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାସହ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମ ଯୋଗଦେଇ ସରକାରୀ ସ୍ତରରେ ଚାଷୀଙ୍କ ପ୍ରତି ହେଉଥିବା ଅବହେଳା ଉପରେ ଆଲୋକପାତ କରିଥିଲେ। ଏଥିସହ ଆଗାମୀ ୨୨ ତାରିଖ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ସଂଘ ପକ୍ଷରୁ ହେବାକୁ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଏହି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ବସାଇଲ ଗ୍ରାମ ପଞ୍ଚାୟତସ୍ତରୀୟ କୃଷକ ସଂଘର୍ଷ ସଂଘ ଗଠନ କରାଯିବା ସହ ଏହାର ସଭାପତି ଭାବେ ରାମ କିଷାନ ଓ ସମ୍ପାଦକ ଭାବେ ନିରଞ୍ଜନ କିଷାନଙ୍କୁ ମନୋନୀତ କରାଯାଇଥିଲା। ସଭା ପରିଚାଳନାରେ ବସାଲଇ ଗ୍ରାମ ପଞ୍ଚାୟତର ଲକ୍ଷ୍ମୀଧର କିଷାନ, କରୁଣା କିଷାନ ଓ ପଦ୍ମଲୋଚନ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।


କୃଷକ ସଂଘର୍ଷ ସଂଘର ବୈଠକରେ କର୍ମକର୍ତ୍ତା।

# ସର୍ବଭାରତୀୟ କୁଚ ବିହାର ଟ୍ରଫି: ଓଡ଼ିଶା ଇନିଂସ ବିଜୟୀ

■ ଆଶୀର୍ବାଦ ସ୍ୱାଇଁଙ୍କ ଅପରାଜିତ ତ୍ରିଶତକ

■ ୬ ଉଇକେଟ ଅକ୍ତିଆର କଲେ ସାର୍ଥକ

ସମ୍ବଲପୁର, ୧୯।୧୧(ବି.ଶଙ୍କର)

ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଚାଲିଥିବା ୧୯ ବର୍ଷରୁ କମ କୁଚ ବିହାର ଟ୍ରଫି ଓଡ଼ିଶା ବନାମ ପଣ୍ଡିଚେରୀ କ୍ରିକେଟ ମ୍ୟାଚରେ ଓଡ଼ିଶା ଦଳ ଏକ ଇନିଂସରେ ବିଜୟୀ ହୋଇଛି। ଏଥିସହ ୭ପଏଣ୍ଟ ହାସଲ କରି ପରବର୍ତ୍ତି ପର୍ଯ୍ୟାୟକୁ ପହଞ୍ଚିଛି। ରବିବାର ତୃତୀୟ ଦିନରେ ଘରୋଇ ଓଡ଼ିଶା ୩୦୧ ସ୍କୋରରୁ ଖେଳ ଆରମ୍ଭ କରିଥିଲା। ଦଳ ୧୪୧ ଓଭରରେ ୯ଟି ଉଇକେଟ ହରାଇ ୫୩୦ ରନ ସ୍କୋର କରି ପାଳି ଘୋଷଣା କରିଥିଲା। ଓଡ଼ିଶା ବ୍ୟାଟସମ୍ୟାନ ଆଶୀର୍ବାଦ ସ୍ୱାଇଁଙ୍କ ତ୍ରିଶତକ ହାସଲ କରି ଦଳକୁ ବିଶାଳ ସ୍କୋର ଛିଡା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ୩୮୨ ବଲର ସମ୍ମୁଖିନ ହୋଇ ୩୦୨ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ଏଥିରେ ସେ ୨୬ଟି ଚଉକା ଓ ୧୭ଟି ଦର୍ଶନୀୟ ଛକ୍କା ମାରିଥିଲେ। ଭ୍ରମଣକାରୀ ପଣ୍ଡିଚେରୀ ଦଳ ଦ୍ୱିତୀୟ ପାଳି ଖେଳିବାକୁ ପଡିଆକୁ ଓହ୍ଲାଇ ଥିଲା। କିନ୍ତୁ ଓଡ଼ିଶା ଦଳର ବୋଲର ସାର୍ଥକ ଜି ପଣ୍ଡାଙ୍କ ଘାତକ ବୋଲିଂର ସାମନା କରି ନ ପାରି ନିୟମିତ ବ୍ୟବଧାନରେ ବ୍ୟାଟ୍ସମ୍ୟାନ ପେଭିଲିୟନ ଫେରିଯାଇଥିଲେ। ଯଦ୍ୱାରା ଦଳ ୪୫.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୨୪ ରନ ସଂଗ୍ରହ କରି ପରାଜୟ ବରଣ କରିଛି। ପଣ୍ଡିଚେରୀ ଦଳର ବ୍ୟାଟ୍ସମ୍ୟାନ ସାଇ ହରିରାମ ୪୪ ବଲର ସମ୍ମୁଖିନ ହୋଇ ୩୭ ରନ କରିଥିଲେ। ଏଥିରେ ସେ ୪ଟି ଚଉକା ମାରିଥିଲେ। ଅନ୍ୟ ଖେଳାଳିମାନେ ବିଫଳ ହୋଇଥିଲେ। ଓଡ଼ିଶା ବୋଲର ସାର୍ଥକଙ୍କ ବ୍ୟତୀତ ଶ୍ରୀରାଜ ପଟ୍ଟନାୟକ ୨ଟି ଓ ଶୁଭମ ପ୍ରିୟଦର୍ଶୀ ଏବଂ ସମ୍ବିତ କୁମାର ବେଜା ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ। ଅମ୍ପାୟାର କ୍ରିଷ୍ଣେନ୍ଦୁ ପାଲ ଓ ଅମିତ ରଣା ମ୍ୟାଚ ପରିଚାଳନା କରିଥିଲେ। ସିଡି ସୁନିଲ ଓ ବୀରବର ନାୟକ ସ୍କୋରର ଥିଲେ। ଗଣେଷ କର ଓ ସାୱାନ ପାଢ଼ୀ ଭିଡିଓ ଆନାଲିଷ୍ଟ ଥିବାବେଳେ କର୍ନେଲ ସୀତାଂଶୁ ଚନ୍ଦ୍ର ଷଡଙ୍ଗୀ ମ୍ୟାଚ ରେଫରୀ ରହିଛନ୍ତି। ଓଡ଼ିଶା ଅଲମ୍ପିକ ସଂଘର ଉପସଭାପତି ତଥା ସମ୍ବଲପୁର ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁଙ୍କ ପରିଚାଳନାରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ ଅତିଥି ସ୍ୱାଗତ କରିଥିଲେ। ଆଥେଲେଟିକ ସମ୍ପାଦକ ବିକାଶ କୁମାର ମିଶ୍ର, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ହକି ସମ୍ପାଦକ ବିନୋଦ ଟପ୍ପୋ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କାଉନସିଲ ସଭ୍ୟ ମନୋଜ କୁମାର ଭୋଇ, ସୁବୋଧ କୁମାର ସାହୁ, କୁନ୍ଦନ ପ୍ରଧାନ, ଗୋପାଳ ନନ୍ଦ, ମହମ୍ମଦ ଇସାକ, ବିଶ୍ୱଜିତ ପଣ୍ଡା, ପଦ୍ମନାଭ ନାୟକ, ମନୋଜ କୁମାର ପଣ୍ଡା, ସୌମ୍ୟଦର୍ଶନ ମହାନ୍ତି, ପ୍ରସନ୍ନ ବିଶ୍ୱାଳ ଉପସ୍ଥିତ ଥିଲେ।


ଆଶୀର୍ବାଦ ସ୍ୱାଇଁ।

